## ସଂକ୍ଷେପରେ

### ପାଣି ମୋଟର, ଭାଇବ୍ରେଟର ଜବତ, ୨ ଗିରଫ

ବ୍ରହ୍ମପୁର ଅଫିସ,୨୪।୧: ଜଣଙ୍କ ଘରେ ପଶି ପାଣି ମୋଟର ଓ ଢଳେଇ କାର୍ଯ୍ୟରେ ବ୍ୟବହୃତ ଭାଇବ୍ରେଟର ଚୋରି କରିଥିବା ଅଭିଯୋଗରେ ବଡ଼ବଜାର ଥାନା ପୋଲିସ ୨ ଜଣଙ୍କୁ ଶୁକ୍ରବାର ଗିରଫ କରିଛି। ସେମାନେ ହେଲେ ପାଣିଗ୍ରାହୀପେଣ୍ଠର ସନ୍ତୋଷ ମହାନ୍ତି ଓ ସୀତାରମ ସାହିର ମିଟୁ ସାହୁ । ମାମଲା ନଂ. ୧୨/୨୦ ଅନୁସାରେ ଉଭୟଙ୍କୁ କୋର୍ଟଚାଲାଣ କରାଯାଇଥିବା ଥାନାଧିକାରୀ ପ୍ରଶାନ୍ତ କୁମାର ଭୂପତି ସୂଚନା ଦେଇଛନ୍ତି। ଅଭିଯୁକ୍ତଙ୍କଠାରୁ ପାଣି ମୋଟର ଓ ଭାଇବ୍ରେଟର ଜବତ କରାଯାଇ ଘର ମାଲିକ ପୁରୁଣା ବ୍ରହ୍ମପୁର ରାଧାକାନ୍ତ ସାହିର ଦେବାଶିଷ ସାହୁଙ୍କୁ ହସ୍ତାନ୍ତର କରାଯାଇଛି। ଦେବାଶିଷଙ୍କ ନିର୍ମାଣାଧୀନ ଘରୁ ପାଣି ମୋଟର ଓ ଭାଇବ୍ରେଟର ଗତ ୨୦ ତାରିଖ ରାତିରେ ଚୋରି ହୋଇଥିଲା। ଏ ନେଇ ସେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ ବେଳେ ସାହିରେ ଲାଗିଥିବା ସିସିଟିଭି କ୍ୟାମେରା ସହାୟତାରେ ଅଭିଯୁକ୍ତଙ୍କୁ ଚିହ୍ନଟ କରି ଗିରଫ କରିଛି।

### ବିଦ୍ୟୁତ କର୍ମଚାରୀ ସଂଘ କର୍ମକର୍ତ୍ତା ଚୟନ

ବ୍ରହ୍ମପୁର ଅଫିସ, ୨୪।୧: ବ୍ରହ୍ମପୁର ଧନଞ୍ଜୟନଗର ବିଦ୍ୟୁତ ଶାଖା କାର୍ଯ୍ୟାଳୟ ପରିସରରେ ଓଡ଼ିଶା ରାଜ୍ୟ ବିଦ୍ୟୁତ କର୍ମଚାରୀ ସଂଘର ନୂତନ କର୍ମକର୍ତ୍ତା ଚୟନ ଓ ବାର୍ଷିକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ସଭାପତି ପ୍ରଶାନ୍ତ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଭଞ୍ଜନଗର ଶାଖା ପକ୍ଷରୁ ୨୦୨୦ ବର୍ଷ ପାଇଁ କର୍ମକର୍ତ୍ତା ଚୟନ କରାଯାଇଛି। ଏହି ବୈଠକରେ କେନ୍ଦ୍ରୀୟ କର୍ମକର୍ତ୍ତା ଅକ୍ଷୟ କୁମାର ତ୍ରିପାଠୀ, ଦୀନବନ୍ଧୁ ମହାନ୍ତି, ପ୍ରଫୁଲ୍ଲ କୁମାର ପଟ୍ଟନାୟକ ଦୁର୍ଗାମାଧବ ଆଚାର୍ଯ୍ୟ, ଆର. ତ୍ରିନାଥ ଦୋରା ସୂର୍ଯ୍ୟନାରାୟଣ ବିଷୋୟୀ, କ୍ଷୀରୋଦ କୁମାର ସେଠୀ ବିଜୟ ପଣ୍ଡା ଲାବଣ୍ୟନିଧି ମଲ୍ଲିକ ପ୍ରମୁଖ ମଞ୍ଚାସୀନ ଥିଲେ । ସଂଘର ବିଭିନ୍ନ ସମସ୍ୟା ଆଲୋଚନା କରାଯାଇଥିଲା । ସମସ୍ତଙ୍କ ସମ୍ମତିକ୍ରମେ ନୂତନ କର୍ମକର୍ତ୍ତା ଚୟନ କରାଯାଇଛି । ସଂଘର ଉପଦେଷ୍ଟା ଆର. ତ୍ରିନାଥ ଦୋରା, ଡ଼ିଭିଜନ୍ ସମ୍ପାଦକ ମନୋଜ ପଣ୍ଡା, କେନ୍ଦ୍ରୀୟ କାର୍ଯ୍ୟକାରୀ ସଦସ୍ୟ ଜିତେନ୍ କୁମାର ମହାପାତ୍ର, ସହସମ୍ପାଦକ କେଦାରନାଥ ରଣା, କୋଷାଧ୍ୟକ୍ଷ ଭାବେ ସାରଦା ପ୍ରସନ୍ନ ସ୍ୱାଇଁଙ୍କୁ ଚୟନ କରାଯାଇଛି । ବୈଠକରେ ସଂଘର ସମସ୍ତ ସଦସ୍ୟ ଓ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ ।

ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ୨୦ ଦିନରେ ଗଲାଣି ୫ ଜୀବନ

ବ୍ରହ୍ମପୁର ଅଫିସ,୨୪।୧

ବ୍ରହ୍ମପୁର ସହର ଦେଇ ଯାଇଥିବା ୧୬ନଂ. ଜାତୀୟ ରାଜପଥରେ ଦୁର୍ଘଟଣା କମିବାର ନାଁ ନେଉନି। ସଡ଼କ ସୁରକ୍ଷା ପାଇଁ ଯେତେ ବି ସଚେତନତା କାର୍ଯ୍ୟକ୍ରମ କରାଗଲେ ମଧ୍ୟ ଗାଡି ଚାଳକମାନେ ସଚେତନ ହେଉନାହାନ୍ତି। ଯଦ୍ୱାରା ବାରମ୍ବାର ଦୁର୍ଘଟଣା ଘଟୁଛି। ଶୁକ୍ରବାର ହଳଦିଆପଦର ଦେଇ ଲାଞ୍ଜିପଲ୍ଲୀ ପଟକୁ ଆସୁଥିବା ଏକ ସ୍କୁଟିକୁ ଟ୍ରକ ଧକ୍କା ଦେବାରୁ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ତେବେ ବ୍ରହ୍ମପୁର ସହର ଦେଇ ଯାଇଥିବା ଏହି ରାଜପଥରେ ଗତ ୨୦ ଦିନରେ ଦୁର୍ଘଟଣାରେ ଏ ପର୍ଯ୍ୟନ୍ତ ଜଣେ ମହିଳା ସମେତ ୫ ଜଣଙ୍କର ଜୀବନ ଯାଇଥିବା ବେଳେ ୪ ଜଣ ଗୁରୁତର ଆହତ ହେଲେଣି। ଯାହାକି ଚିନ୍ତାର ବିଷୟ ହୋଇଛି।

ଶୁକ୍ରବାର ଅପରାହ୍ନରେ ଭଞ୍ଜନଗର ବାଉଁଶଲୁଣ୍ଡିର ଚିନ୍ମୟ ଦାସ ଓ ବ୍ରହ୍ମପୁର ନିଳାଞ୍ଚଳନଗରରେ ରହୁଥିବା ପ୍ରୀତି ଷୋମୟ ଦାସ ଓରଫ ରୋନି ଏକ ସ୍କୁଟି (ନଂ.ଓଡ଼ି୦୭କେ୮୧୩୯)ରେ ଲାଞ୍ଜିପଲ୍ଲୀ ପଟକୁ ଆସୁଥିଲେ। ଲାଞ୍ଜିପଲ୍ଲୀ ବାଇପାସ ପୂର୍ବରୁ ସ୍କୁଟିକୁ ପଛପଟୁ ଆସୁଥିବା ମାଲବାହୀ ଟ୍ରକ ଧକ୍କା ଦେଇଥିଲା। ଫଳରେ ଚିନ୍ମୟ ଓ ରୋନି ସ୍କୁଟିରୁ ଛିଟିକି ପଡ଼ିଥିଲେ। ଏହି ସମୟରେ ଟ୍ରକ ଚକା ତଳେ ଚିନ୍ମୟଙ୍କ ମୃତ୍ୟୁ ଘଟିଥିବା ବେଳେ ରୋନି ଗୁରୁତର ଆହତ ହୋଇଛନ୍ତି। ରୋନି ଜଣେ ଭିନ୍ନକ୍ଷମ ବୋଲି ଜଣାପଡିଛି। ତାଙ୍କୁ ତୁରନ୍ତ ସ୍ଥାନୀୟ ବଡ଼ ମେଡ଼ିକାଲକୁ ନିଆଯାଇଥିଲା। ପରେ ଅଧିକ ଚିକିତ୍ସା ପାଇଁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଟ୍ରାଫିକ ଥାନାଧିକାରୀ ସୁନୀଲ କୁମାର ବେହେରା ଦୁର୍ଘଟଣାସ୍ଥଳରେ ପହଞ୍ଚି ଚିନ୍ମୟ ମୃତଦେହ ଜବତ କରିଥିଲେ। ଏ ନେଇ ନଂ.୪/୨୦ରେ ଏକ ମାମଲା ରୁଜୁ ହୋଇଛି। ଦୁର୍ଘଟଣା ଘଟାଇଥିବା ଟ୍ରକକୁ ଜବତ କରାଯାଇଥିବା ବେଳେ ଚାଳକ ଚମ୍ପଟ ମାରିଥିବା ସେ କହିଛନ୍ତି।

### ୧୬ ନଂ. ଜାତୀୟ ରାଜପଥରେ କମୁନି ଦୁର୍ଘଟଣା



ଶୁକ୍ରବାର ଦୁର୍ଘଟଣା ଘଟାଇଥିବା ଟ୍ରକ ।

ସୂଚନାଯୋଗ୍ୟ, ଗତ ୩ ତାରିଖରେ ହଳଦିଆପଦର ବାଇପାସରେ ଟ୍ରକ ଧକ୍କାରେ ରୀତା କୁମାରୀ ହୋତା(୨୫)ଙ୍କ ମୃତ୍ୟୁ ଘଟିଥିବା ବେଳେ ତାଙ୍କ ସ୍ୱାମୀ ମହେନ୍ଦ୍ର କୁମାର ହୋତା ଗୁରୁତର ଆହତ ହୋଇଥିଲେ। ସେହିପରି ୯ ତାରିଖରେ ଖଜୁରିଆ ବାଇପାସରେ ଟ୍ରକ ଧକ୍କାରେ ସଦର ଥାନା ଅନ୍ତର୍ଗତ ଭାବିନୀପୁରର ପପୁନ ପାଢ଼ୀଙ୍କ ମୃତ୍ୟୁ ଘଟିଥିଲା। ଗୁରୁତର ଥିବା ତାଙ୍କ ସାଙ୍ଗ ପ୍ରଶାନ୍ତ ସାହୁଙ୍କ ଗତ ୨୦ ତାରିଖରେ ଭୁବନେଶ୍ୱରରେ ମୃତ୍ୟୁ ଘଟିଥିଲା। ସେହିପରି ଗତ ୧୫ ତାରିଖରେ ଖଜୁରିଆ ବାଇପାସରେ ମୋବାଇଲରେ ଟିକଟକ କରୁଥିବା ବେଳେ ଟ୍ରକ ଧକ୍କାରେ ସଦର ଥାନା ଅନ୍ତର୍ଗତ ସୁକୁଣ୍ଡାର ଶିବ ଶଙ୍କର ସାହୁଙ୍କ ମୃତ୍ୟୁ ଘଟିଥିଲା। ତାଙ୍କ ଶାଳକ ଗୋଳନ୍ଥରା ଥାନା ରଣ୍ଢାର ଶିବ ପାତ୍ର ଗୁରୁତର ଆହତ ହୋଇ ଏବେ ଚିକିତ୍ସିତ ହେଉଛନ୍ତି।

# ଗ୍ରୀନ ଇଣ୍ଡିଆ ଚିଟ୍‌ଫଣ୍ଡ ସଂସ୍ଥା ଏମ୍‌ଡି ଗିରଫ

ବ୍ରହ୍ମପୁର ଅଫିସ,୨୪।୧

ଛତିଶଗଡ଼ ପୋଲିସର ଏକ ୬ ଜଣିଆ ଟିମ ବ୍ରହ୍ମପୁର ପୋଲିସ ସହାୟତାରେ ଶୁକ୍ରବାର ବ୍ରହ୍ମପୁରରେ ଚଢ଼ାଉ କରି ଗ୍ରୀନ ଇଣ୍ଡିଆ ଚିଟଫଣ୍ଡ ସଂସ୍ଥାର ଅନ୍ୟତମ ଏମ୍‌ଡି ଜିତେନ୍ଦ୍ର ମିଶ୍ରଙ୍କୁ ଗିରଫ କରିଛି। ତାଙ୍କୁ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ (ସିଜେଏମ୍)ଙ୍କ କୋର୍ଟରେ ହାଜର କରାଯାଇଥିଲା। ସିଜେଏମ ଦାୟିତ୍ୱରେ ଥିବା ସିଭିଲ ରେଜିଷ୍ଟ୍ରାର ଅମିତ ସ୍ୱରୂପ ସେଠ୍ ଅଭିଯୁକ୍ତଙ୍କୁ ଦୁଇଦିନିଆ ରିମାଣ୍ଡରେ ନେବା ପାଇଁ ଛତିଶଗଡ଼ ପୋଲିସକୁ ଅନୁମତି ଦେଇଛନ୍ତି। ଛତିଶଗଡ଼ ରାଜ୍ୟ ଚେରିମେରି ଥାନା ଇଲାକାରେ ଗ୍ରୀନ ଇଣ୍ଡିଆ ଚିଟଫଣ୍ଡ ସଂସ୍ଥା ଲୋକଙ୍କ ଠାରୁ ଟଙ୍କା ଠକେଇ କରିଥିବା ନେଇ ୨୦୧୬ ମାର୍ଚ୍ଚ ୫ରେ ଅଭିଯୋଗ ହୋଇଥିଲା। ଏ ନେଇ ଚେରିମେରି ଥାନା ଥାନାରେ ମାମଲା ନଂ. ୭୯/୧୬ ରୁଜୁ ହୋଇଥିଲା। ସେବେଠାରୁ ସଂସ୍ଥାର ଏମଡି ଜିତେନ୍ଦ୍ରଙ୍କୁ ପୋଲିସ ଖୋଜୁଥିଲା। ବଡ଼ବଜାର ଥାନା ଅନ୍ତର୍ଗତ ପାଣିଗ୍ରାହୀପେଣ୍ଠ ଗଣପତି ନଗରରେ ଜିତେନ୍ଦ୍ର ଲୁଚି ରହୁଥିବା ସୂଚନା ମିଳିଥିଲା। ତେଣୁ ଛତିଶଗଡ଼ ପୋଲିସ ଗୁରୁବାର ଠାରୁ ବ୍ରହ୍ମପୁରରେ ଡ଼େରା ପକାଇଥିଲା। ବ୍ରହ୍ମପୁର ଟାଉନ ଥାନା ପୋଲିସ ସହାୟତାରେ ଚଢ଼ାଉ କରାଯାଇ ଜିତେନ୍ଦ୍ରଙ୍କୁ ଗିରଫ କରାଯାଇଛି। ଛତିଶଗଡ଼ର ଡିଏସପି କରିନା କୁମାର ୱାଇ, ଇନ୍ସପେକ୍ଟର ଅଭିଳାଶ ଦୁବେଙ୍କ ନେତୃତ୍ୱରେ ୬ ଜଣିଆ ଟିମ ଶୁକ୍ରବାର ବ୍ରହ୍ମପୁର ଆସି ଜିତେନ୍ଦ୍ରଙ୍କୁ ଛତିଶଗଡ଼ ନେଇଛନ୍ତି।

### ଦୁଇ ଦିନିଆ ରିମାଣ୍ଡରେ ନେଲା ଛତିଶଗଡ଼ ପୋଲିସ

# ଆଙ୍କୁଲି ହାଇସ୍କୁଲର ବାର୍ଷିକୋତ୍ସବ



ମଞ୍ଚାସୀନ ଅତିଥିବୃନ୍ଦ।

ବ୍ରହ୍ମପୁର ଅଫିସ,୨୪।୧

ଶିଳ୍ପାଞ୍ଚଳ ଆଙ୍କୁଲି ସରକାରୀ ପୌର ହାଇସ୍କୁଲର ବାର୍ଷିକୋତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରଙ୍ଗେଇଲୁଣ୍ଡା ବିଇଓ ଡ଼.ପ୍ରଭାତୀ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷାବିତ ପ୍ରକାଶ ଚନ୍ଦ୍ର ପଣ୍ଡା ମୁଖ୍ୟବକ୍ତା ଓ ବିଏମସି ପୂର୍ବତନ ଡେପୁଟି ମେୟର ଜ୍ୟୋତ୍ସ୍ନା ନାୟକ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ମାଧ୍ୟମିକ ଶିକ୍ଷାସ୍ତରରୁ ବିଦ୍ୟାର୍ଥୀମାନେ ଗୁଣାତ୍ମକ ଶିକ୍ଷା ଲାଭ କରିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ବିଜେଡି ନେତା ଉମା ଚରଣ ନାୟକ, ଲାଇଫ ଲାଇନ ସଭାପତି ଏଲ. ସୁଦାମ ଦାସ, ଆଧ୍ୟାତ୍ମିକବିତ୍ ଇଂ. ରାଜେନ୍ଦ୍ର ପ୍ରସାଦ ପଟ୍ଟନାୟକ, ସିଆରସିସି ଲୋକନାଥ ସାହୁ, ସାମାଜିକ କର୍ମୀ ଭାଗୀରଥି ମହାରଣା ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ପ୍ରମୋଦିନୀ ପଟ୍ଟନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷୟିତ୍ରୀ, ଶିକ୍ଷକମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ବିଭିନ୍ନ ପ୍ରତିଯୋଗିତାର କୃତୀ ବିଦ୍ୟାର୍ଥୀଙ୍କୁ ପୁରସ୍କୃତ କରାଯାଇଥିଲା।

# ବାଲ୍ ବଜରଙ୍ଗୀ ମନ୍ଦିର ପ୍ରତିଷ୍ଠା

ବ୍ରହ୍ମପୁର ଅଫିସ,୨୪।୧

ରାମଚନ୍ଦ୍ରପୁର ଗ୍ରାମସ୍ଥିତ ବିଶ୍ୱନିକେତନ ଜରାନିବାସ ପରିସରରେ ବାଲ୍ ବଜରଙ୍ଗୀ ମନ୍ଦିର ପ୍ରତିଷ୍ଠା ଉତ୍ସବ ସମ୍ପନ୍ନ ହୋଇଯାଇଛି । ଗ୍ରାମ ସଭାପତି ସୁଶାନ୍ତ କୁମାର ସାବତ ଓ ପଣ୍ଡିତ ନୀଳମାଧବ ତ୍ରିପାଠୀଙ୍କ ତତ୍ତ୍ୱାଧାନରେ ୩ ଦିନ ଧରି ଏହି ପ୍ରତିଷ୍ଠା ଉତ୍ସବ ଚାଲିଥିଲା। ଏହି ଅବସରରେ ଅଙ୍କୁରାରୋପଣ, କଳସ ଯାତ୍ରା, ହୋମ, ନାମଯଜ୍ଞ, ହନୁମାନ ଚାଳିଶା ପାଠ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜେଲ ବିଭାଗ ଡିଜି ସନ୍ତୋଷ କୁମାର ଉପାଧ୍ୟାୟଙ୍କ ସମେତ ବିଭୂତି ସାବତ, ଅଶୋକ ନାୟକ, ଉମାଶଙ୍କର ପାଣି, ସବିତା ସାହୁ ପ୍ରମୁଖ ଯୋଗ ଦେଇଥିଲେ । ଦୃଷ୍ଟିବାଧିତ ବାଳିକା ବାଳକମାନଙ୍କୁ ନେଇ ଭଜନ ସମାରୋହ ହୋଇଥିଲା ।

# ଓଡ଼ିଶା ଚିତ୍ରାଳୟ ମାଲିକ ସଂଘ ବାର୍ଷିକୋତ୍ସବ

ବ୍ରହ୍ମପୁର ଅଫିସ,୨୪।୧

ଓଡ଼ିଶା ଚିତ୍ରାଳୟ ମାଲିକ ସଂଘର ୧୪ତମ ବାର୍ଷିକୋତ୍ସବ ଶୁକ୍ରବାର ଗୋଷାଣୀନୂଆଗାଁ ମା'ମହୁରୀ କାଲୁଆ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି । ସଂଘର ରାଜ୍ୟ ସଭାପତି ନାରାୟଣ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନୟାଗଡ଼ ଜିଲା ସଭାପତି ପ୍ରମୋଦ କୁମାର ରଥ, ଉପଦେଷ୍ଟା ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ବିଜୟ କୁମାର ସାହୁ, ଧ୍ରୁବ କୁମାର ପ୍ରଧାନ, ସୁଶାନ୍ତ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଗଞ୍ଜାମ ଜିଲା ସଭାପତି ଦିଲୀପ କୁମାର ସାମନ୍ତରା ଅତିଥି ପରିଚୟ ପ୍ରଦାନ କରିଥିଲେ । ବିଜୟ କୁମାର ସାହୁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ଏହି ଅବସରରେ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା । ନାରାୟଣ ସାହୁ ପୁଣି ସଭାପତି ମନୋନୀତ ହୋଇଥିବା ବେଳେ ଦିଲୀପ ସାମନ୍ତରା ଓ ପ୍ରମୋଦ ଚନ୍ଦ୍ର ରଥ ଉପସଭାପତି, ଦୁର୍ଗା ପ୍ରସାଦ ଆଚାର୍ଯ୍ୟ ରାଜ୍ୟ ସମ୍ପାଦକ ଭାବେ ମନୋନୀତ ହୋଇଥିଲେ । ଧ୍ରୁବ କୁମାର ପ୍ରଧାନ ଧନ୍ୟବାଦ ଦେଇଥିଲେ ।



ମଞ୍ଚାସୀନ ସଂଘର କର୍ମକର୍ତ୍ତା ।

# ନେତାଜୀ ସାରସ୍ୱତ ମଞ୍ଚର ବାର୍ଷିକ ଉତ୍ସବ

ବ୍ରହ୍ମପୁର ଅଫିସ,୨୪।୧

ଗଞ୍ଜାମ କଳା ପରିଷଦ ଉତ୍କଳ ଅଶ୍ରମ ଜାତୀୟ ଭବନରେ ଗୁରୁବାର ନେତାଜୀ ସାରସ୍ୱତ ମଞ୍ଚର ୧୫ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ମଞ୍ଚର ସଭାପତି ପ୍ରଫୁଲ୍ଲ ଚନ୍ଦ୍ର ରାଉତଙ୍କ ପୌରୋହିତ୍ୟ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ କବୟିତ୍ରୀ ଅମିୟବାଳା ପଟ୍ଟନାୟକ ମଞ୍ଚାସୀନ ଥିଲେ। ମୁଖ୍ୟବକ୍ତା ସାହିତ୍ୟକ ପ୍ରଶାନ୍ତ ମହାନ୍ତି ଆଧୁନିକ ମଣିଷର ଦୟନୀୟ ସ୍ଥିତି ଓ ନ୍ୟୁନମାନ୍ୟତା ବିଷୟରେ ଆଲୋକପାତ କରିଥିଲେ । ସମ୍ପାଦକ ନଳିନୀକାନ୍ତ ଗୌଡ଼ ବିବରଣୀ ପ୍ରଦାନ କରିଥିବା ବେଳେ ମଞ୍ଚ ଉପଦେଷ୍ଟା ସ୍ୱର୍ଣ୍ଣପ୍ରଭା ପାଢ଼ୀ ପ୍ରାକ୍ ସୂଚନା ପ୍ରଦାନ କରିଥିଲେ । ଜିଲା ବିକାଶ ମଞ୍ଚ ସଭାପତି ରାଜେନ୍ଦ୍ର ପଣ୍ଡା ଆନ୍ଦୋଳନ ମାଧ୍ୟମରେ ସାମାଜିକ ପରିବର୍ତ୍ତନ ଆଣିବାକୁ ଆହ୍ୱାନ ଦେଇଥିଲେ। ଉପଦେଷ୍ଟା ବନମାଳୀ ପାଣିଗ୍ରାହୀ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଡ଼. କୁଳମଣି ଓଝା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଗବେଷକ ଡ଼. ଅନନ୍ତରାମ କର କୌଣ୍ଡିନ୍ୟ, କବୟିତ୍ରୀ ସୁନନ୍ଦା ମହାପାତ୍ର ଓ କଥାଶିଳ୍ପୀ ହୃଷୀକେଶ ପଟ୍ଟନାୟକଙ୍କୁ କବିତା, ପ୍ରବନ୍ଧ ଓ କ୍ଷୁଦ୍ରଗଳ୍ପ କ୍ଷେତ୍ରରେ ବିଶେଷ ଅବଦାନ ପାଇଁ ମଞ୍ଚ ପକ୍ଷରୁ ସମ୍ବର୍ଦ୍ଧନା କରାଯାଇଛି । ଶରତ କୁମାର ଦାସ, କ୍ଷଣପ୍ରଭା ଶତପଥୀ, ଡ଼. ସୂଚନା ପାଢ଼ୀ, ଦୀନବନ୍ଧୁ ଶ୍ରୀପଲ୍ଲବ, ଲୋପା ସାମଲ, ଲକ୍ଷ୍ମୀନାରରାୟଣ ପଣ୍ଡା, ପ୍ରଭାତ କୁମାର ସାହୁ, ପଦ୍ମିନୀକାନ୍ତ ଗୌଡ଼, କୃଷ୍ଣପ୍ରିୟା ଆଚାର୍ଯ୍ୟ, ଜ୍ୟୋତ୍ସ୍ନାରାଣୀ ପଣ୍ଡା, ସୁଶାନ୍ତ କୁମାର ପଟ୍ଟନାୟକ, କାଳିନ୍ଦୀଚରଣ ନାୟକ, ପ୍ରମୋଦ କୁମାର ପଣ୍ଡା, ଭାଗ୍ୟବତୀ ପାଣିଗ୍ରାହୀ, ସ୍ୱରଚିତ କବିତା ପାଠ କରିଥିଲେ । ଶେଷରେ ଦୀନବନ୍ଧୁ ଶ୍ରୀପଲ୍ଲବ ଧନ୍ୟବାଦ ଅର୍ପଣ କରିଥିଲେ ।

# ଆଶୁକବିଙ୍କ ସ୍ମୃତିଚାରଣ

ବ୍ରହ୍ମପୁର ଅଫିସ,୨୪।୧

ବ୍ରହ୍ମପୁର ସାହିତ୍ୟ ପରିଷଦ ପକ୍ଷରୁ ଆଶୁକବି ସୁବାସ ଚନ୍ଦ୍ର ମହାପାତ୍ରଙ୍କ ବିୟୋଗରେ ଏକ ସଭା ହୋଇଯାଇଛି । ଗୋଇଲୁଣ୍ଡିସ୍ଥିତ ଗୋକର୍ଣ୍ଣେଶ୍ୱର ପାଠାଗାର ପରିସରରେ ଆୟୋଜିତ ଏହି ସଭାକୁ ବରିଷ୍ଠ ସାହିତ୍ୟିକ କବି ଭିକାରୀ ଚରଣ ମହାପାତ୍ର ଶୁଭାରମ୍ଭ କରିଥିଲେ । ଓଡ଼ିଶା ସାହିତ୍ୟ ଏକାଡେମୀର ସଦସ୍ୟ ତଥା କବି ସୁଶାନ୍ତ ଦାଶଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମରେ କବି ଇଂ ପ୍ରଦୀପ ଷଡ଼ଙ୍ଗୀ ଯୋଗଦେଇ ସ୍ୱର୍ଗତ ସୁବାସଙ୍କ ବିଭିନ୍ନ ସାହିତ୍ୟ କୃତୀ ସମ୍ପର୍କରେ ଆଲୋକପାତ କରିଥିଲେ । କବି ମିହିର କୁମାର ତ୍ରିପାଠୀ, ଶିକ୍ଷାବିତ୍ ଦେବୀ ପ୍ରସାଦ ମହାପାତ୍ର ମଞ୍ଚାସୀନ ଥିଲେ । କବି ବିପ୍ର ଆଚାର୍ଯ୍ୟ, ଶିକ୍ଷାବିତ୍ ପ୍ରଫୁଲ୍ଲ ମହାନ୍ତି ମଧ୍ୟ ସୁବାସଙ୍କ ଜୀବନ ଆଦର୍ଶ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ସ୍ୱର୍ଗତ ସୁବାସଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା।

# ଅମରେଶଙ୍କୁ ସମ୍ବର୍ଦ୍ଧିତ କଲେ ରାଜ୍ୟପାଳ

ବ୍ରହ୍ମପୁର ଅଫିସ,୨୪।୧

ପରିବେଶ ସୁରକ୍ଷା ପାଇଁ ସମର୍ପିତ ପାରାଦୀପ ବନ୍ଦରରେ ଯନ୍ତ୍ରୀ ଭାବେ କାର୍ଯ୍ୟରତ ଅମରେଶ ନରେଶ ସାମନ୍ତଙ୍କୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ସମ୍ବର୍ଦ୍ଧିତ କରିଛନ୍ତି । ଗତ ଡିସେମ୍ବର ୨୧ରୁ ୨୯ ତାରିଖ ମଧ୍ୟରେ ଅମରେଶ ସାଇକେଲରେ ୭୧୫ କି.ମି. ଯାତ୍ରା କରି ପରିବେଶ ସୁରକ୍ଷା ପାଇଁ ଜନ ସଚେତନତା ସୃଷ୍ଟି କରିଥିଲେ । ସେ ଉପକୂଳ ଓଡିଶାର ୮ ଜିଲା ବୁଲି ପରିବେଶ ସୁରକ୍ଷା ପାଇଁ କାର୍ଯ୍ୟ କରୁଥିବା ବ୍ୟକ୍ତି, ସଙ୍ଗଠନ, ସ୍କୁଲ, କଲେଜ ଛାତ୍ରୀଛାତ୍ର, ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗର ବିଭିନ୍ନ ଅଧିକାରୀ ଓ ଅନ୍ୟ ପ୍ରଶାସକମାନଙ୍କୁ ସାକ୍ଷାତ କରି ସବୁଜ ବଳୟ ସୃଷ୍ଟି କରିବା ଓ ତାହାର ସୁରକ୍ଷା କରିବାକୁ ସଚେତନ କରିଥିଲେ । ଏଥିସହ ସମୁଦ୍ର ବେଳାଭୂମିକୁ ପରିଷ୍କାର ରଖିବା ଉପରେ ସାତଭାୟା, ପେଣ୍ଠ, ଆର୍ଯ୍ୟପଲ୍ଲୀ, ଗୋପାଳପୁର ଅଞ୍ଚଳର ସାମାଜିକ ସଂଗଠନ, ସ୍ଥାନୀୟ ଜନସାଧାରଣ ଓ ପର୍ଯ୍ୟଟକଙ୍କ ସହ ଆଲୋଚନା କରି ଏହି ସଚେତନତା ଅଭିଯାନରେ ସାମିଲ ହେବାକୁ ଆହ୍ୱାନ ଦେଇଥିଲେ । ଏପରି କାର୍ଯ୍ୟ ପାଇଁ ଅମରେଶଙ୍କୁ ରାଜ୍ୟପାଳ ସମ୍ବର୍ଦ୍ଧିତ କରିବା ସହ ଶୁଭେଚ୍ଛା ଜଣାଇଛନ୍ତି। ଆଗାମୀ ଦିନରେ ଏଭଳି ଉଦ୍ୟମ ଜାରି ରଖିବାକୁ ରାଜ୍ୟପାଳ ପରାମର୍ଶ ଦେଇଥିଲେ । ସମ୍ବର୍ଦ୍ଧନା ବେଳେ ବାବା ବାଲୁଙ୍କେଶ୍ୱର ଗ୍ରାମ୍ୟ ବିକାଶ ପରିଷଦର ସଭ୍ୟ ପ୍ରଦୀପ ପରିଡା, ଉପଦେଷ୍ଟା ବନ୍ଦନା ମିଶ୍ର ଉପସ୍ଥିତ ଥିଲେ ।


ରାଜ୍ୟପାଳଙ୍କ ନିକଟରେ ଅମରେଶ ନରେଶ ସାମନ୍ତ।

# ରାଜ୍ୟରୁ ଲୋପ ପାଇବାରେ ଲାଗିଛି ସଂସ୍କୃତ ଶିକ୍ଷାସ୍ଥଳୀ

ବ୍ରହ୍ମପୁର ଅଫିସ,୨୪।୧

ଯେଉଁଠି ଶିକ୍ଷାନୁଷ୍ଠାନରେ ଆବଶ୍ୟକ ଛାତ୍ରୀଛାତ୍ର ନ ଥିବେ ସେଠାରୁ ସ୍ୱୀକୃତି ପ୍ରତ୍ୟାହର ଲାଗି ରାଜ୍ୟ ସରକାର ନିଷ୍ପତ୍ତି ନେଇଥିଲେ। ଗତ ଅକ୍ଟୋବରରେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶକ୍ରମେ ବ୍ରହ୍ମପୁରର ପ୍ରଥମା ଓ ମଧ୍ୟମା ଶାଖା ରାମାଧୀନ ସଂସ୍କୃତ ମହାବିଦ୍ୟାଳୟ ସହିତ ରାଜ୍ୟର ଅନ୍ୟାନ୍ୟ ସଂସ୍କୃତ ବିଦ୍ୟାଳୟର ସ୍ୱୀକୃତି ପ୍ରତ୍ୟାହାର ନିମନ୍ତେ ଓଡ଼ିଶା ସରକାର ନିର୍ଦ୍ଦେଶନାମା ଜାରି କରିଥିଲେ।

ସଂସ୍କୃତ ଭାରତର ଏକ ପୁରାତନ ଭାଷା। ଏହାକୁ ଅଧ୍ୟନ ଲାଗି ରାଜ୍ୟର ବିଭିନ୍ନ ସ୍ଥାନରେ ସଂସ୍କୃତ ଶିକ୍ଷାନୁଷ୍ଠାନ ସ୍ଥାପନ କରାଯାଇଥିଲା । ବର୍ତ୍ତମାନ ପ୍ରଥମା ଓ ମଧ୍ୟମା ଶାଖା ସଂସ୍କୃତ ବିଦ୍ୟାଳୟ ଉପରେ ସରକାର ଧ୍ୟାନ ଦେଉନାହାନ୍ତି। ବ୍ରହ୍ମପୁର ସହରରେ ୧୯୨୬ରେ ସଂସ୍କୃତ ବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲା । ପରବର୍ତ୍ତୀ ସମୟରେ ଏପ୍ରିଲ ୧ତାରିଖ ୧୯୩୭ରେ ବ୍ରହ୍ମପୁର ହରିଡାଖଣ୍ଡି ମଠ ମହନ୍ତ ରାମାଧୀନ ଦାସଙ୍କ ନାମରେ ଏହାର ନାମ ପରିବର୍ତ୍ତନ ହୋଇଥିଲା । ଏହି ଅନୁଷ୍ଠାନ ବିଦ୍ୟାର୍ଥୀମାନେ ସଂସ୍କୃତ ବ୍ୟାକରଣ, ସଂସ୍କୃତ ସାହିତ୍ୟ, କର୍ମକାଣ୍ଡ, ଧର୍ମଶାସ୍ତ୍ର, ପୁରାଣ, ଜ୍ୟୋତିଷ, ଦର୍ଶନ, ବେଦ ଓ ଉପନିଷଦ ଆଦି ବୈଦିକ ଶାସ୍ତ୍ରୀୟ ଜ୍ଞାନ ଆଦାନ ପ୍ରଦାନ କରୁଥିଲେ। କାଳକ୍ରମେ ନୂତନ ଶିକ୍ଷାନୀତି ୧୦ +୨ ଓ +୩ ଅନୁଯାୟୀ ୧୯୮୪ରେ ଉକ୍ତ ଅନୁଷ୍ଠାନର ଆଚାର୍ଯ୍ୟ ସ୍ନାତକୋତ୍ତର ଶ୍ରେଣୀ ଉଚ୍ଛେଦ କରି ଦିଆଗଲା। ପରେ ୨୦୦୩-୨୦୦୪ ଶିକ୍ଷାବର୍ଷରେ ପ୍ରଥମା ଓ ମଧ୍ୟମା (ଷଷ୍ଠ ରୁ ୧୦ମ ପର୍ଯ୍ୟନ୍ତ) ଉଚ୍ଛେଦ କରି ବିଦ୍ୟାଳୟ ଗଣଶିକ୍ଷା ବିଭାଗକୁ ହସ୍ତାନ୍ତର କରାଯାଇଥିଲା । ବର୍ତ୍ତମାନ ଉକ୍ତ ବିଦ୍ୟାଳୟରେ ୭ ପଣ୍ଡିତ ଓ ଶିକ୍ଷକଙ୍କ ବଦଳରେ ମାତ୍ର ୨ ଶିକ୍ଷକରେ ଚାଲିଛି ବିଦ୍ୟାଳୟ। ବିଦ୍ୟାଳୟରେ ସରକାରୀ ସହାୟତା କହିଲେ ମଧ୍ୟାହ୍ନ ଭୋଜନକୁ ଛାଡିଦେଲେ ଆଉ କିଛି ନାହିଁ । ଏମିତି କି ଛାତ୍ରୀଛାତ୍ରଙ୍କ ପାଠ ପଢିବା ନିମନ୍ତେ ଶ୍ରେଣୀ ଗୃହ ମଧ୍ୟ ନାହିଁ। ଫଳରେ ଧୀରେ ଧୀରେ ସଂଖ୍ୟା କମିବାରେ ଲାଗିଛି। ବର୍ତ୍ତମାନ ମୋଟ ଛାତ୍ରୀଛାତ୍ର ୫୩ ରହିଥିବା ବେଳେ ପ୍ରତ୍ୟେକ ଶ୍ରେଣୀରେ ୧୦ ରୁ କମ ବିଦ୍ୟାର୍ଥୀ ଅଭାବ ଥିବା ଦର୍ଶାଇ ସ୍କୁଲ ଓ ଗଣଶିକ୍ଷା ବିଭାଗ (ଚିଠି ନଂ-୫ଟି-୧୦-୧୯-ଭିଆଇ ୩୯୬୯୩)ରେ ଏହା ବନ୍ଦ ହେବାକୁ ଯାଉଛି ।



ପ୍ରଥମା ଓ ମାଧ୍ୟମିକ ଶାଖା ରାମାଧୀନ ସଂସ୍କୃତ ମହାବିଦ୍ୟାଳୟ।

■ସଂସ୍କୃତ ବିଦ୍ୟାଳୟକୁ ସରକାରଙ୍କ ଅଣଦେଖା
■ଜିଲାର ୩୨ ସଂସ୍କୃତ ଶିକ୍ଷାନୁଷ୍ଠାନରୁ ଅଛି ୭

ସୂଚନାଯୋଗ୍ୟ, ଓଡ଼ିଶାର ବିଭିନ୍ନ ଜିଲାର ୬୮ବିଦ୍ୟାଳୟରୁ ସ୍ୱୀକୃତି ପ୍ରତ୍ୟାହାର ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ନିଷ୍ପତ୍ତି ନେଇଥିଲା। ସେଥିରୁ ଗଞ୍ଜାମ ଜିଲାର ୬ ବିଦ୍ୟାଳୟ ରହିଛି । ପ୍ରଥମେ ଜିଲାରେ ୩୨ ବିଦ୍ୟାଳୟ ଥିଲା। ୨୫ ବିଦ୍ୟାଳୟ ବନ୍ଦ ହୋଇଗଲାଣି । ବର୍ତ୍ତମାନ ମାତ୍ର ୭ଟି ରହିଛି । ସରକାର ଯଦି ଏଥିପ୍ରତି ଦୃଷ୍ଟି ନ ଦେବେ ତେବେ ଆଗାମୀ ଦିନରେ ସଂସ୍କୃତ ବିଦ୍ୟାଳୟଗୁଡିକ ଲୋପ ପାଇଯିବ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି । ଗତ କିଛି ଦିନ ତଳେ ଏହାକୁ ପୁନର୍ବିଚାର କରି ବନ୍ଦ ହୋଇଥିବା ବିଦ୍ୟାଳୟ ଖୋଲିବା ଆଦି ନେଇ ପରିଚାଳନା କମିଟି ପକ୍ଷରୁ ଏକ ରହିତାଦେଶ ଆଣିବା ପାଇଁ ଶିକ୍ଷାମନ୍ତ୍ରୀଙ୍କ ନିକଟରେ ଆବେଦନ କରାଯାଇଛି ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି ।


"ସରକାରଙ୍କ ହାତରେ ସବୁ କ୍ଷମତା ରହିଛି। ଉକ୍ତ ବିଦ୍ୟାଳୟକୁ ଯଦି ବନ୍ଦ କରାଯାଏ। ତେବେ ଏଠାରେ ପଢୁଥିବା ଛାତ୍ରୀଛାତ୍ରମାନେ କେଉଁଠି ପଢ଼ିବେ, କାରଣ ସଂସ୍କୃତ ବିଦ୍ୟାଳୟ ବ୍ରହ୍ମପୁର ସହରଠାରୁ ୩୫-୪୦ କି.ମି.ଦୂରରେ ରହିଛି ।

**– ନରସିଂହ ଦାସ,ବିଦ୍ୟାଳୟ ପରିଚାଳନା କମିଟି ସଭାପତି**


"ପରିଚାଳନା କମିଟି ପକ୍ଷରୁ ଏକ ରହିତାଦେଶ ଆଣିବା ପାଇଁ ଶିକ୍ଷା ମନ୍ତ୍ରୀଙ୍କ ନିକଟରେ ଆବେଦନ କରାଯାଇଛି । ଏହାର ପୁନର୍ବିଚାର କରି ବିଦ୍ୟାଳୟ ଖୋଲିଲେ ବ୍ରହ୍ମପୁର ସହରର ବିଦ୍ୟାର୍ଥୀମାନେ ସଂସ୍କୃତ ବ୍ୟାକରଣ, ସଂସ୍କୃତ ସାହିତ୍ୟ, ପୁରାଣ, ଜ୍ୟୋତିଷ, ଦର୍ଶନ, ବେଦ ଓ ଉପନିଷଦ ଆଦି ବୈଦିକ ଶାସ୍ତ୍ରୀୟ ଜ୍ଞାନ ପାଇ ପାରନ୍ତେ ।

**–ରବିନାରାୟଣ ପଟ୍ଟନାୟକ, ବିଦ୍ୟାଳୟ ଭାରପ୍ରାପ୍ତ ମୁଖ୍ୟ ପଣ୍ଡିତ**


"ବ୍ରହ୍ମପୁର ସହରରେ ଯଦି ସଂସ୍କୃତ ବିଦ୍ୟାଳୟ ରହିବ ନାହିଁ ତେବେ ଆଉ କେଉଁଠି ରହିବ। ସରକାର ଏହାକୁ ବନ୍ଦ କରିବା ନିଷ୍ପତ୍ତିନେଇ ସଂସ୍କୃତମାରଣନୀତିଆପଣାଇଛନ୍ତି । ଏହାର ପୁନର୍ବିଚାର କରି ସଂସ୍କୃତ ଭାଷାକୁ ବଞ୍ଚେଇରଖିବାକୁମୁଁସରକାରଙ୍କୁଅନୁରୋଧକରୁଛି।

**–ରମେଶ ଚରଣ ତ୍ରିପାଠୀ,ଅବସରପ୍ରାପ୍ତ ଓଡ଼ିଆ ଅଧ୍ୟାପକ**

## ସଂକ୍ଷେପରେ

### କାହ୍ନୁ ଚରଣ ତ୍ରିପାଠୀ ମେମୋରିଆଲ୍ କ୍ରିକେଟ୍ ଟୁର୍ନାମେଣ୍ଟ
## ଅମରନାଥ ବିଜୟୀ

**ଆସିକା,୨୪।୧ (ଡି.ଏନ୍.ଏ.):** ଆସିକା ଏନ୍ଏସି ତାଲୁକାଛକଠାରେ ଚାଲିଥିବା କାହ୍ନୁ ଚରଣ ତ୍ରିପାଠୀ ମେମୋରିଆଲ୍ କ୍ରିକେଟ୍ ଟୁର୍ନାମେଣ୍ଟର ଶୁକ୍ରବାର ଖେଳ ରେଡିଦାମୋଦରପଲ୍ଲି ଋଷିକୁଲ୍ୟା କ୍ରିକେଟ୍ କ୍ଲବ୍ ଓ ଆସିକା ତାଲୁକା ଛକ ଅମରନାଥ କ୍ରିକେଟ୍ କ୍ଲବ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚରେ ଅମରନାଥ କ୍ରିକେଟ୍ କ୍ଲବ୍ ବିଜୟୀ ହୋଇଛି। ଟସ୍ ଜିତି ଅମରନାଥ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୪ଟି ଉଇକେଟ ହରାଇ ୨୬୭ ରନ୍ କରିଥିଲେ। ଜବାବରେ ଋଷିକୁଲ୍ୟା କ୍ରିକେଟ୍ କ୍ଲବ୍ ୧୯.୪ ଓଭରରେ ୧୮୨ ରନ୍ କରି ସମସ୍ତ ଖେଳାଳି ଆଉଟ୍ ହୋଇଯାଇଥିଲେ। ଅମରନାଥ ଦଳର ଦେବଦତ୍ତ ପ୍ରଧାନ ୬୮ ବଲ୍‌ରେ ୧୬୩ ରନ୍ କରି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଖେଳ ପରିଚାଳନା କରିଥିଲେ ଉମା ମହେଶ୍ୱର ଦାସ ଓ ଦେବାଶିଷ ପଣ୍ଡା।

## ଉଦ୍ଭିଦ ବିଜ୍ଞାନ ବିଭାଗର ଷ୍ଟଡିଟୁର୍

**ବ୍ରହ୍ମପୁର ଅଫିସ୍,୨୪।୧:** ମହାମାୟୀ ମହିଳା ମହାବିଦ୍ୟାଳୟ ଉଦ୍ଭିଦ ବିଜ୍ଞାନ ବିଭାଗର ଯୁକ୍ତ ୩ ଦ୍ୱିତୀୟ ଓ ଶେଷ ବର୍ଷ ଛାତ୍ରୀମାନେ ମହୁଡାସ୍ଥିତ ଫାର୍ମାସିଟିକାଲ ବିଜ୍ଞାନ ମହାବିଦ୍ୟାଳୟକୁ ଶୁକ୍ରବାର ଷ୍ଟଡିଟୁର୍‌ରେ ଯାଇଥିଲେ । ଛାତ୍ରୀମାନେ ଉକ୍ତ ମହାବିଦ୍ୟାଳୟର ବାୟୋଟେକ୍ନୋଲୋଜି ଓ ମାଇକ୍ରୋବାଇଲୋଜି ବିଭାଗ ପରିଦର୍ଶନ କରିବା ସହ ସେଠାର ହର୍ବାଲ ଗାର୍ଡେନ୍ ବୁଲିଥିଲେ। ପରେ ଟିକିଟି ନିକଟସ୍ଥ ବାହୁଦା ଡ୍ୟାମରୁ ବିଭିନ୍ନ ପ୍ରଜାତିର ଶୈବାଳ ଏବଂ ଅନ୍ୟାନ ବୃକ୍ଷ ସଂଗ୍ରହ କରିଥିଲେ । ଫର୍ମାସିଟିକାଲ ବିଜ୍ଞାନ ମହାବିଦ୍ୟାଳୟର ପ୍ରଫେସର ଦେବାଶିଷ ପଣ୍ଡା, ଉଦ୍ଭିଦ ବିଜ୍ଞାନ ବିଭାଗର ମୁଖ୍ୟ ଡ. ଅରୁଣ ପଟ୍ଟନାୟକ, ଅଧାପିକା ଅମିତା କୁମାରୀ ପଣ୍ଡା, ଇପସା ପାଢ଼ୀ, ସ୍ୱର୍ଣ୍ଣଲତା ପଟ୍ଟନାୟକ ସମେତ ମହାବିଦ୍ୟାଳୟର ଅଧାପିକା ଅଧାପିକ ଓ ଛାତ୍ରୀମାନେ ଉପସ୍ଥିତ ଥିଲେ ।

## ଏଲଆଇସି ଅଭିକର୍ତ୍ତା ସଂଘ ସାଧାରଣ ବୈଠକ

**ବ୍ରହ୍ମପୁର ଅଫିସ, ୨୪।୧:** କମାପଲ୍ଲୀ ଶିବ ମନ୍ଦିର କଲ୍ୟାଣମଣ୍ଡପ ପରିସରରେ ଭାରତୀୟ ଜୀବନ ବୀମା ଅଭିକର୍ତ୍ତା ସଂଘ ଶାଖା-୧ର ଅଭିକର୍ତ୍ତା ସୁରକ୍ଷା ଦିବସ ଓ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ପ୍ରିୟବ୍ରତ ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ । ମୁଖ୍ୟ ଅତିଥି ଭାବେ ମେମୋରିଆଲ ଫଣ୍ଡର ଅଧକ୍ଷ ବ୍ରଜ ବିହାରୀ ପାଢ଼ୀ ମଞ୍ଚାସୀନ ରହି ବୀମାଧାରୀଙ୍କ ସୁରକ୍ଷା ଓ ଜୀବନ ବୀମାଧାରୀଙ୍କ ସଂଖ୍ୟା ବୃଦ୍ଧି କରିବାକୁ ଆଲୋଚନା କରିଥିଲେ । ମୁଖ୍ୟବକ୍ତା ଭାବେ ଜୀବନ ବୀମା ଅଭିକର୍ତ୍ତା ଫେଡ଼େରସନ୍ ସଂଘର ଉପାଧକ୍ଷ ରବୀନ୍ଦ୍ର ସାହୁ ଯୋଗ ଦେଇଥିଲେ। ଏହି ଅବସରରେ ୨୦୧୯-୨୦ ଆର୍ଥିକ ବର୍ଷରେ ସର୍ବୋଚ୍ଚ ଏନଓପି ଅକ୍ଷାଂଶୁ ଜ୍ୟୋତି ଦାସ, ସର୍ବୋଚ୍ଚ ଏଫପିଆଇ ରଖିଥିବା ଗଜେନ୍ଦ୍ର ପ୍ରଧାନ, ଆସୋସିଏସନ ଉତ୍ତମ ଏକ୍ଟିଭ୍ ୱାର୍କର ଭାବେ ଶାଖାର ଉପ ସଭାପତି ତୁଷାରକାନ୍ତି ରଥଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା ।

# ଅଧା ବାଟରେ ରୋଗୀଙ୍କୁ ଛାଡ଼ି ଚାଲିଗଲା ଆମ୍ବୁଲାନ୍ସ

## ଜିଲାପାଳଙ୍କ ନିର୍ଦ୍ଦେଶ ପରେ ବିଦାହେଲେ ୩ କର୍ମଚାରୀ

**ଛତ୍ରପୁର/ ଗଞ୍ଜାମ,୨୪।୧(ଡି.ଏନ.ଏ.)**

ଟଙ୍କା ନ ଦେବାରୁ ୧୦୮ ଆମ୍ବୁଲାନ୍ସ ରୋଗୀଙ୍କୁ ଅଧାବାଟରେ ଓହ୍ଲାଇ ଦେଇ ଚାଲିଗଲା। ଏଭଳି ଘଟଣା ଦେଖିବାକୁ ମିଳିଛି ଗଞ୍ଜାମ ଜିଲାରେ। ଜିଲାପାଳଙ୍କ ନିର୍ଦ୍ଦେଶ ପରେ ସମ୍ପୃକ୍ତ ଆଉଟ୍‌ସୋର୍ସିଂ ସଂସ୍ଥା କାର୍ଯ୍ୟରେ ଅବହେଳା କରିଥିବା ୧୦୮ ଆମ୍ବୁଲାନ୍ସର ୩ କର୍ମଚାରୀଙ୍କୁ ନିଲମ୍ବିତ କରିଛନ୍ତି। ସେମାନେ ହେଲେ ଚାଳକ ସରୋଜ ପାଢ଼ୀ, ପାଇଲଟ ପ୍ରଦୀପ କୁମାର ଗୌଡ, ଆଟେଣ୍ଡାଣ୍ଟ ଜି. କ୍ରିଷ୍ଣା।

ସୂଚନା ଅନୁଯାୟୀ, କୁକୁଡ଼ାଖଣ୍ଡି ବ୍ଲକ ଅଞ୍ଚଳର ଅନାମ ଦାସଙ୍କ ସାନପୁଅ ସାହିଲ ଅସୁସ୍ଥ ଥିବାରୁ ୩ଦିନ ହେବ ବ୍ରହ୍ମପୁର ବଡ଼ ମେଡିକାଲରେ ଚିକିତ୍ସିତ ହେଉଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ଶୁକ୍ରବାର ଡାକ୍ତର ତାଙ୍କୁ କଟକ ବଡ ମେଡିକାଲକୁ ରେଫର କରିଥିଲେ। ଅନାମ ଓ ତାଙ୍କ ସ୍ତ୍ରୀ ପୁଅକୁ ଧରି ୧୦୮ ଆମ୍ବୁଲାନ୍ସ (ନଂ.ଓଡି୦୨ବିଏଚ୍-୧୨୪୩)ରେ କଟକ ବଡ଼ ମେଡିକାଲ ଯିବାକୁ ବାହାରିଥିଲେ। ପୂର୍ବାହ୍ନରେ ଆମ୍ବୁଲାନ୍ସ ଷ୍ଟାଫ୍ ଅନାମଙ୍କୁ ଟଙ୍କା ମାଗିଥିଲେ। ଟଙ୍କା ଦେବାକୁ ଅସମର୍ଥ ହେବାରୁ ସମସ୍ତଙ୍କୁ ଗଞ୍ଜାମ ନିକଟରେ ଓହ୍ଲାଇ ଦେଇ ପଳାଇଥିଲେ। ସ୍ଥାନୀୟ ଅଞ୍ଚଳର ସ୍ୱେଚ୍ଛାସେବୀ ଆର୍ଥିକ ସହାୟତା କରିବା ସହ ଗଞ୍ଜାମ ମେଡିକାଲରୁ ୧୦୮ ଆମ୍ବୁଲାନ୍ସକୁ ଡାକି ପୁଣି ବ୍ରହ୍ମପୁରର ବଡ ମେଡିକାଲରେ ଭର୍ତ୍ତି କରାଇଥିଲେ।

ଅଭିଯୋଗ ପାଇ ଜିଲାପାଳ ବିଜୟ ଅମୃତ କୁଲାଙ୍ଗେ ଉକ୍ତ ଗାଡିର ସମସ୍ତ ଷ୍ଟାଫଙ୍କୁ ନିଲମ୍ବିତ କରିବାକୁ ଜାତୀୟ ସ୍ୱାସ୍ଥ୍ୟ ମିଶନର ଜିଲା ପ୍ରକଳ୍ପ ନିର୍ଦ୍ଦେଶକ (ଡିପିଏମ୍) ଶ୍ୟାମସୁନ୍ଦର ତ୍ରିପାଠୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଜିଲାପାଳଙ୍କ ଉକ୍ତ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବାକୁ ଡିପିଏମ୍ ତ୍ରିପାଠୀ ଏ ସମ୍ପର୍କରେ ଆଉଟସୋର୍ସିଂ ସଂସ୍ଥାର କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ଏହାପରେ ସଂସ୍ଥା ପକ୍ଷରୁ ସେମାନଙ୍କୁ ନିଲମ୍ବିତ କରାଯାଇଥିବା ଯୋଗାଯୋଗ ବେଳେ ଡିପିଏମ୍ ତ୍ରିପାଠୀ ସୂଚନା ଦେଇଛନ୍ତି।



ଅସୁସ୍ଥ ପୁଅ ସହ ଦମ୍ପତି।

# ବିଏମସି ପକ୍ଷରୁ ଜବରଦଖଲ ଉଚ୍ଛେଦ

## ରାସ୍ତା ପାର୍ଶ୍ୱରେ ଥିବା ପୁରୁଣା ଗାଡି ହଟାଇବାକୁ ନୋଟିସ



ଜବରଦଖଲ ଉଚ୍ଛେଦ କରାଯାଉଛି ।

**ବ୍ରହ୍ମପୁର ଅଫିସ,୨୪।୧**

ବ୍ରହ୍ମପୁର ମହାନଗର ନିଗମ (ବିଏମସି) ପକ୍ଷରୁ ଶୁକ୍ରବାର ବିଭିନ୍ନ ସ୍ଥାନରେ ଜବରଦଖଲ ଉଚ୍ଛେଦ କରାଯାଇଛି । ବିଏମ୍‌ସି ଏନଫୋର୍ସ ମେଣ୍ଟ ଅଫିସର ତରୁଣ କାନ୍ତଙ୍କ ନେତୃତ୍ୱରେ ଗଠିତ ଟିମ ଆସ୍କାରୋଡ ଖାଜାସାହି ଛକ, ପାଣିଗ୍ରାହୀ ପେଣ୍ଠ ସାହି, ରଜାସାହି, ନୂଆ ତାଲୁକା ଛକ ରାସ୍ତା ପାର୍ଶ୍ୱ ଓ ଡ୍ରେନ ଉପରୁ ଜବରଦଖଲ ଉଚ୍ଛେଦ କରିଛନ୍ତି। ଏଥିସହ ଉକ୍ତ ଅଞ୍ଚଳଗୁଡିକର ଉଠାଦୋକାନୀଙ୍କୁ ମଧ ହଟାଯାଇଛି । ଅନ୍ୟପକ୍ଷରେ ଉପରୋକ୍ତ ଅଞ୍ଚଳ ସମେତ କମାପଲ୍ଲୀ ଓଭରବ୍ରିଜ ନିକଟରେ ପଡି ରହିଥିବା ପୁରୁଣା ତଥା ଅବ୍ୟବହୃତ ଗାଡିଗୁଡ଼ିକୁ ଉଠାଇବା ପାଇଁ ବିଏମସି ପକ୍ଷରୁ ନୋଟିସ ଲଗାଯାଇଥିଲା । ପ୍ରାୟ ୨୦ ଗାଡିରେ ଏହି ନୋଟିସ ଲଗାଯାଇଥିବା ଏନଫେର୍ସମେଣ୍ଟ ଅଫିସର ସୂଚାଇଛନ୍ତି। ସପ୍ତାହକ ମଧରେ ରାସ୍ତା ପାର୍ଶ୍ୱରୁ ଏସବୁ ଗାଡିଗୁଡିକୁ ହଟା ନ ଗଲେ ବିଏମସି ତାହାକୁ ଜବତ କରିବ ବୋଲି ନୋଟିସରେ ଦର୍ଶାଯାଇଛି ।

# ବ୍ରହ୍ମପୁରର ପତିତପାବନ, ନଟରାଜ କ୍ଲବ ବିଜୟୀ




ଖେଳାଳିଙ୍କୁ ପୁରସ୍କୃତ କରାଯାଉଛି ।

**ଛତ୍ରପୁର,୨୪।୧(ଡି.ଏନ.ଏ)**

### ଫୁଟବଲ୍ ଟୁର୍ଣ୍ଣାମେଣ୍ଟ

ସାଧାରଣତନ୍ତ୍ର ଦିବସ ଅବସରରେ ଛତ୍ରପୁର ଷ୍ଟାଡିୟମ ପରିସରରେ ଜିଲାପ୍ରଶାସନ ଓ ୟୁରୋ କିଡ୍‌ସ ସ୍କୁଲ ମିଳିତ ସହଯୋଗରେ ଚାଲିଥିବା ଫୁଟବଲ୍ ଟୁର୍ନାମେଣ୍ଟରେ ଶୁକ୍ରବାର ଦୁଇଟି ମ୍ୟାଚ୍ ହୋଇଥିଲା । ଗୋଟିଏ ମ୍ୟାଚରେ ଖୋର୍ଦ୍ଧାର ନଇରି କ୍ଲବକୁ ୪-୦ ଗୋଲ୍‌ରେ ହରାଇ ବ୍ରହ୍ମପୁରର ପତିତପାବନ ଟିମ୍ ବିଜୟୀ ହୋଇଛି । ସେହିପରି ଦ୍ୱିତୀୟ ମ୍ୟାଚ୍‌ରେ ବ୍ରହ୍ମପୁର ମର୍ନିଂ କ୍ଲବକୁ ୪-୦ ଗୋଲ୍‌ରେ ହରାଇ ବ୍ରହ୍ମପୁରର ନଟରାଜ କ୍ଲବ ବିଜୟୀ ହୋଇଛି । ପ୍ରଥମ ମ୍ୟାଚରେ ହେମନ୍ତ କୁମାର ଓ ଦ୍ୱିତୀୟ ମ୍ୟାଚରେ ପ୍ରତୀକ ମୁର୍ମୁ ମ୍ୟାନ୍ ଅଫ ଦି ମ୍ୟାଚ୍ ହୋଇ ପୁରସ୍କୃତ ହୋଇଥିଲେ। ସେହିପରି ଗୁରୁବାର ଗୋଟିଏ ମ୍ୟାଚ ଦିଗପହଣ୍ଡି ଓ ଭଞ୍ଜନଗର ଟିମ୍ ମଧ୍ୟରେ ହୋଇଥିଲା। ଦିଗପହଣ୍ଡି ଟିମ୍‌କୁ ୨-୦ ଗୋଲ୍‌ରେ ହରାଇ ଭଞ୍ଜନଗର ଟିମ୍ ବିଜୟୀ ହୋଇଥିଲା। ଭଞ୍ଜନଗର ଟିମ୍‌ର ସନ୍ତୋଷ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ ହୋଇଥିଲେ। ଟୁର୍ନାମେଣ୍ଟରେ ଶୁକ୍ରବାର ଅତିରିକ୍ତ ଏସ୍‌ପି ଠାକୁର ପ୍ରସାଦ ପାତ୍ର, ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ମାନସ ରଞ୍ଜନ ମହାନ୍ତି, ଜିଲା କ୍ରୀଡା ଅଧିକାରୀ ପ୍ରଶାନ୍ତ ସାହୁ, ରିଜର୍ଭ ଇନ୍ସପେକ୍ଟର ଗଙ୍ଗାଧର ଧାଙ୍ଗର, ସମରେନ୍ଦ୍ର ସେନାପତି, ରବୀନ୍ଦ୍ର ସାହୁ, ରାଜେନ୍ଦ୍ର ବେହେରା, ନବୀନ ବେହେରା ଅତିଥି ଭାବେ ଯୋଗଦେଇଥିଲେ। ଶକ୍ତି ଆଣ୍ଡ ଏଜୁକେଶନ ଓ ଚାରିଟେବୁଲ ଟ୍ରଷ୍ଟର ଅଧକ୍ଷ ରଞ୍ଜନ କୁମାର ମହାପାତ୍ର, ୟୁରୋ କିଡସ ପ୍ରି ସ୍କୁଲର ପ୍ରିନ୍ସପାଲ ଡାଇନା ମିଶ୍ର, କାର୍ଯ୍ୟକାରୀ ପ୍ରିନ୍ସପାଲ ସସ୍ମିତା ମହାପାତ୍ର, ପ୍ରମୁଖ ଉପସ୍ଥିତ ଥିଲେ।

# ଆସିକାରେ କୃଷକ ପଦଯାତ୍ରା

**ଆସିକା,୨୪।୧ (ଡି.ଏନ୍.ଏ.)**

ଆସିକା ବ୍ଲକ୍ କ୍ରାନ୍ତିକାରୀ କୃଷକ ସଭା ପକ୍ଷରୁ ଶୁକ୍ରବାର ହରିଡାପଦର, ଜୟପୁର, ବରଗାଁ ଆଦି ପଞ୍ଚାୟତରେ କୃଷକ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ପଦଯାତ୍ରା ହରିଡାପଦର ପଞ୍ଚାୟତର ଭେଙ୍କଟରାଇପଲ୍ଲୀ ଗ୍ରାମରୁ ବାହାରି ହରିଡାପଦର, ମଣ୍ଡାପଡା, ତରାସିଙ୍ଗି, କେନ୍ଦୁପଦର, ଜୟପୁର, ପଡାଳ ଓ ବରଗାଁ ପରିକ୍ରମା କରିଥିଲା। ଏହିଅବସରରେ ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ପଥପ୍ରାନ୍ତ ସଭାରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କୃଷକ ମାରଣନୀତିର ସମାଲୋଚନ କରାଯାଇଥିଲା। ଏହାଛଡା ଜାତୀୟ ଧର୍ମ ନାମରେ ଭାଗ ଭାଗ କରି ସମ୍ବିଧାନ ଉପରେ ଆକ୍ରମଣର ନିନ୍ଦା କରାଯିବା ସହ କୃଷି ଓ କୃଷକଙ୍କ ଉନ୍ନତି ନିମନ୍ତେ ଦାବି କରାଯାଇଥିଲା। କୃଷକ ସଭାର ରାଜ୍ୟ ସମ୍ପାଦକ ଶଙ୍କର ସାହୁଙ୍କ ନେତୃତ୍ୱରେ ବୃନ୍ଦାବନ ବାରିକ, ଅକ୍ଷୟ ସାହୁ, ରାଜନ ନାହାକ, ସୁଶାନ୍ତ ଦଳାଇଙ୍କ ସମେତ ବହୁ ସଦସ୍ୟ ଏହି କାର୍ଯ୍ୟକ୍ରମରେ ସାମିଲ୍ ଥିଲେ।

# ଜିଲାପାଳ, ଏସ୍‌ପିଙ୍କୁ ଦାବିପତ୍ର ଦେଲେ ଆଦିବାସୀ ନେତା

**ମୋହନା,୨୪।୧(ଡି.ଏନ.ଏ.)**

### ମହିଳା ଷ୍ଟାଫ୍ ନର୍ସଙ୍କୁ ଲାଞ୍ଚ, ହତ୍ୟା ଧମକ ଘଟଣା

ଏକ ବୈଦ୍ୟୁତିକ ଗଣମାଧ୍ୟମର ମୋହନା ବ୍ଲକ ପ୍ରତିନିଧିଙ୍କ ବିରୋଧରେ ଆଦିବାସୀ ସଂଘ ଜିଲାପାଳ ଓ ଏସ୍‌ପିଙ୍କୁ ଫେରାଦ ହୋଇଛନ୍ତି। ସମ୍ପୃକ୍ତ ଖବରଦାତା ଜଣେ ଆଦିବାସୀ ମହିଳା ଷ୍ଟାଫ୍ ନର୍ସଙ୍କୁ ଏକ ମାମଲା ରଫାଦଫା ପାଇଁ ଲାଞ୍ଚ ମାଗିବା ଓ ନଦେବାରୁ ମାରିଦେବାକୁ ଧମକ ଦେଇଥିବା ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାରୁ ଜିଲାପାଳ ଓ ଏସ୍‌ପିଙ୍କୁ ଆଦିବାସୀ ସଂଘ ପକ୍ଷରୁ ଗଜପତି ଜିଲା ଆଦିବାସୀ ସଂଘ ସମ୍ପାଦକ ନିର୍ମଳ ପାଳ ଭେଟି ଦାବିପତ୍ର ଦେଇଛନ୍ତି।

ପ୍ରକାଶ ଯେ, ମୋହନା ଚିକିତ୍ସାଳୟର ଆଦିବାସୀ ମହିଳା ଷ୍ଟାଫ ନର୍ସ ଓ ମେଡିକାଲ ଅଧିକାରୀଙ୍କ ମନୋମାଳିନ୍ୟର ସୁଯୋଗ ନେଇ ମାମଲା ରଫାଦଫା ପାଇଁ ୫୦ ହଜାର ଟଙ୍କା ଦାବି କରିଥିଲେ। ଷ୍ଟାଫ ନର୍ସ ଅରାଜି ହେବାରୁ ପାଟିତୁଣ୍ଡ ସହ ମାରି ଦେବାକୁ ଧମକ ଦେଇଥିବା ମୋହନା ଥାନାରେ ଅଭିଯୋଗ ହୋଇଥିଲା। ଷ୍ଟାଫନର୍ସ ମୟୂରଭଞ୍ଜ ଜିଲାର ହୋଇଥିବାରୁ ଜିଲା ଆଦିବାସୀ ସଂଘକୁ ଜଣାଇଥିଲେ। ମୟୂରଭଞ୍ଜ ଜିଲା ଆଦିବାସୀ ସଂଘ ଆସି ଗଞ୍ଜାମ, ଗଜପତି, କନ୍ଧମାଳ ଓ ରାୟଗଡ଼ା ଆଦିବାସୀ ସଂଘର ସହାୟତାରେ ଚଳିତ ମାସ ୨୦ ସୁଦ୍ଧା ସମ୍ପୃକ୍ତ ଖବରଦାତାଙ୍କୁ ଗିରଫ ପାଇଁ ଦାବି କରିଥିଲେ। ମିଆଦ ପୁରଣ ହେବାରୁ ସେମାନେ ଗଜପତି ଜିଲାପାଳ ଅନୁପ ସାହା ଓ ଏସ୍‌ପି ସାରା ଶର୍ମାଙ୍କ ଦ୍ୱାରସ୍ଥ ହୋଇ ଆଗାମୀ ବିଧାନସଭା ପୂର୍ବରୁ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ ପାଇଁ ଦାବି କରିଛନ୍ତି। ଦାବି ପୂରଣ ନ ହେଲେ ବିଧାନସଭା ଘେରାଉ କରାଯିବ ବୋଲି କହିଛନ୍ତି। ଏମ୍‌ପି ଶର୍ମା ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ମାମଲାର ତଦନ୍ତ ପାଇଁ ଅତିରିକ୍ତ ଆରକ୍ଷୀ ଅଧିକ୍ଷକଙ୍କୁ ଏମ୍‌ପି ସାରା ଶର୍ମା ଦାୟିତ୍ୱ ଦେଇଛନ୍ତି।

# ଶିଶୁକନ୍ୟାଙ୍କ ମା'ଙ୍କୁ ସମ୍ବର୍ଦ୍ଧନା

**ଆସିକା,୨୪।୧ (ଡି.ଏନ୍.ଏ.)**

ଜାତୀୟ କନ୍ୟା ସନ୍ତାନ ଦିବସ ଅବସରରେ ଶୁକ୍ରବାର ଆସିକା ବ୍ଲକ୍ ଶିଶୁ ବିକାଶ ପ୍ରକଳ୍ପ ପକ୍ଷରୁ ଆସିକା ବ୍ଲକ୍ ସଭା ଗୃହରେ ମୋ ଗେହ୍ଲା ଝିଅ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସିଡିପିଓ ଭାରତୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଭାବେ ବ୍ଲକ୍ ଅଧକ୍ଷ ହରେକୃଷ୍ଣ ମଲିକ, ତହସିଲଦାର୍ ସଦାନନ୍ଦ ସେଠୀ, ଅତିରିକ୍ତ ତହସିଲଦାର୍ ଆଶୁତୋଷ ଗୌରବ କର, ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅଶୋକ କୁମାର ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଆସିକା ଏନ୍ଏସିର ୧୦ଜଣ ଓ ବ୍ଲକ୍‌ର ୧୧ଜଣ ନବଜାତ ଶିଶୁ କନ୍ୟା ଓ ସେମାନଙ୍କ ମା'ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ମୋ ଗେହ୍ଲା ଝିଅ କାର୍ଯ୍ୟକ୍ରମ

**ଗୋପାଳପୁର,୨୪।୧**

ରଙ୍ଗେଇଲୁଣ୍ଡା ବ୍ଲକରେ ଶୁକ୍ରବାର ଜାତୀୟ କନ୍ୟା ସନ୍ତାନ ଦିବସ ପାଳନ ଅବସରରେ ମୋ ଗେହ୍ଲା ଝିଅ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରେ ବ୍ଲକ ପରିସର ସଦଭାବନା ଗୃହରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରଙ୍ଗେଇଲୁଣ୍ଡା ବିଡିଓ କୁମାର ନାଗଭୂଷଣ ମୁଖ୍ୟଅତିଥି, ବ୍ଲକ ଅଧକ୍ଷା ସିଏଚ୍ ଉଷାରାଣୀ, ଉପାଧକ୍ଷ ଅଜିତ ଦାଶ, ରଙ୍ଗେଇଲୁଣ୍ଡା ସିଡିପିଓ ଜ୍ୟୋସ୍ନା ପାଢ଼ୀ, ସୁନାଦେଇ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଡ଼ା. ମଧୁସ୍ମିତା ସାହୁ ଓ ୫୪ନଂ ଜିଲା ପରିଷଦ ସଦସ୍ୟ ମଞ୍ଜୁଶ୍ରୀ ଦଳାଇ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ପୁଅ-ଝିଅଙ୍କୁ ସମାନ ଦୃଷ୍ଟିରେ ଦେଖିବା ଓ କନ୍ୟାଭ୍ରୁଣ ହତ୍ୟା ରୋକିବାକୁ ମୁଖ୍ୟ ଅତିଥି ସଚେତନ କରାଇଥିଲେ। ଏହି ଅବସରରେ କନ୍ୟା ସନ୍ତାନଙ୍କ ମା'ମାନଙ୍କୁ ପୁରସ୍କାର ସହ ମାନପତ୍ର ଦିଆଯାଇଥିଲା।



ଅତିଥି ଓ କନ୍ୟା ସନ୍ତାନ ସହ ମା'ମାନେ ।

# ବିଏମ୍‌ସିରେ ପୁନରୁଦ୍ଧାର ହେଉନି ଜଳାଶୟ

**ବ୍ରହ୍ମପୁର ଅଫିସ,୨୪।୧**



- ମହାନଗରର ୪୨ ପୋଖରୀ ମଧ୍ୟରୁ ଅର୍ଦ୍ଧେକ ଅପରିଷ୍କାର
- ରାମଲିଙ୍ଗମ୍ ପୋଖରୀ ଆଧୁନିକୀକରଣ ଅଧାପନ୍ତରିଆ

ବ୍ରହ୍ମପୁର ମହାନଗରରେ ସମୁଦାୟ ୪୨ ପୋଖରୀ ମଧ୍ୟରୁ ଅର୍ଦ୍ଧେକ ଅବସ୍ଥା ଶୋଚନୀୟ ହୋଇପଡିଛି। ପଙ୍କ ଓ ଆବର୍ଜନାରେ ପରିପୂର୍ଣ୍ଣ ଏହି ଜଳାଶୟଗୁଡ଼ିକର ଉପଯୁକ୍ତ ରକ୍ଷଣାବେକ୍ଷଣ ଓ ପୁନରୁଦ୍ଧାର କରାଯାଉ ନ ଥିବାରୁ ପାଣି ପ୍ରଦୂଷିତ ହୋଇଯାଇଛି। ଗୋଷାଣୀ ନୂଆଗାଁ ଅଞ୍ଚଳର ବୃହତ୍ତମ ଜଳାଶୟ ବେଢ଼ାବନ୍ଧ ଆଧୁନିକୀକରଣ ଓ ସୌନ୍ଦର୍ଯ୍ୟକରଣ ଯୋଜନା ଦୀର୍ଘବର୍ଷରୁ ପ୍ରସ୍ତାବରେ ଅଟକି ଯାଇଛି। ଅନ୍ୟତମ ଜଳାଶୟ ହରିଡ଼ାଖଣ୍ଡି ପୋଖରୀ, ସୁନାରିବନ୍ଧ, ଗୋଲାପଲ୍ଲୀ, ବିଜିପୁର ପୋଖରୀ ଅବସ୍ଥା ମଧ ତଦ୍ରୁପ ହୋଇଛି। ରେଶମ ନଗରୀର କେନ୍ଦ୍ରସ୍ଥଳରେ ଥିବା ରାମଲିଙ୍ଗମ ପୋଖରୀ ଆଧୁନିକୀକରଣ ପାଇଁ ବହୁମୁଖୀ ଯୋଜନା କରାଯାଇଛି। ଏଥିପାଇଁ ଦୁଇ ପର୍ଯ୍ୟାୟରେ ୧୮ କୋଟି ଟଙ୍କାର ବ୍ୟୟ ଅଟକଳ ହୋଇଛି।

୨୦୧୬ ଫେବୃୟାରୀ ୨ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାମଲିଙ୍ଗମ ପୋଖରୀ ସୌନ୍ଦର୍ଯ୍ୟକରଣ ଯୋଜନାର ଶୁଭ ଦେଇଥିଲେ। ତେବେ ଶୁଭ ଦେବାର ୪ ବର୍ଷ ପୂରିବାକୁ ଯାଉଥିବା ବେଳେ ବର୍ତ୍ତମାନ ସୁଦ୍ଧା ୫୦% କାମ ହୋଇ ନ ଥିବା ଅନୁଧ୍ୟାନରୁ ଜଣାଯାଇଛି। ନିର୍ବାଚିତ ପରିଷଦର କାର୍ଯ୍ୟକାଳ ୧୫ ମାସ ତଳୁ ସରିଛି। ମୁଖ୍ୟ ପ୍ରଶାସକ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଅଫିସର ସ୍ତରୀୟ ବୈଠକ ହୋଇ ରାମଲିଙ୍ଗମ ପୋଖରୀ ଆଧୁନିକୀକରଣ କାର୍ଯ୍ୟର ସମୀକ୍ଷା ପରେ ସମୀକ୍ଷା କରାଯାଇଛି। ତୁରନ୍ତ କାର୍ଯ୍ୟ ଶେଷ କରିବାକୁ ଜିଲାପାଳ ଓ ବିଏମସି କମିଶନର ଗୁରୁତ୍ୱ ଦେଇ ସମ୍ପୃକ୍ତ ଠିକାଦାରଙ୍କୁ ତାଗିଦ କରୁଛନ୍ତି। ହେଲେ କେବେ ଏହା ସମ୍ପୂର୍ଣ୍ଣ ହେବ ତାହା ମଧ ଅନିଶ୍ଚିତତାରେ ରହିଛି।

ସୂଚନାଯୋଗ୍ୟ, ବର୍ତ୍ତମାନର ବିଜେଡି ଏମ୍‌ପି ଚନ୍ଦ୍ରଶେଖର ସାହୁ ୨୦୦୪ ନିର୍ବାଚନରେ କଂଗ୍ରେସରୁ ଲଢ଼ି ଏମ୍‌ପି ହୋଇଥିଲେ। ବର୍ଷକ ପରେ ପ୍ରଥମ ଉପା ସରକାରରେ କେନ୍ଦ୍ରମନ୍ତ୍ରୀ ପଦ ପାଇଥିଲେ। ମହାନଗରର ସମସ୍ତ ପୋଖରୀ ପୁନରୁଦ୍ଧାର ନିମନ୍ତେ କେନ୍ଦ୍ର ସରକାରଙ୍କ ୱାଟର ବଡି ସ୍କିମରେ ୧୫ କୋଟି ଟଙ୍କା ମଞ୍ଜୁର କରାଇଥିଲେ। ୨୦୦୫-୦୬ ଆର୍ଥିକ ବର୍ଷରେ ସେତେବେଳର ପୌର ପରିଷଦକୁ ଟଙ୍କା ଆସିଥିଲା। ହ୍ରାସ ପାଉଥିବା ଭୂତଳ ଜଳସ୍ତର ସନ୍ତୁଳନ କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ବିଳମ୍ବରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଗଲା । ସେହି ଅନୁଦାନରେ ହରିଡ଼ାଖଣ୍ଡି, ବିଜିପୁର, ସୁନାରୀବନ୍ଧ, ଧୋବାବନ୍ଧ, ସିଙ୍ଗିବନ୍ଧ, ବୋଇତାଲୁ ପୋଖରୀ ସମେତ ବିଭିନ୍ନ ଜଳାଶୟ ପୁନରୁଦ୍ଧାର କାର୍ଯ୍ୟ କରାଯାଇଥିଲା। ସହରାଞ୍ଚଳ ଭିତ୍ତିଭୂମି ବିକାଶ ସ୍କିମର କ୍ଷୁଦ୍ର ଓ ମଧ୍ୟମ ଜଳାଶୟ (ଟ୍ୟାଙ୍କ) ତଥା ୟୁଆଇଡିଏସଏସଏମଟି) ଯୋଜନାରେ ମଞ୍ଜୁର ଅନୁଦାନ ବିନିଯୋଗରେ କେତେକ କ୍ଷେତ୍ରରେ ଅନିୟମିତତା ମଧ୍ୟ ହୋଇଥିବା ବିରୋଧୀ କାଉନସିଲର ଓ କର୍ପୋରେଟରଙ୍କ ପକ୍ଷରୁ ଅଭିଯୋଗ ହୋଇଥିଲା। କେନ୍ଦ୍ରୀୟ ଅନୁଦାନ କିଭଳି ବିନିଯୋଗ ଓ ଏହାଦ୍ୱାରା ଜଳାଶୟର କିଭଳି ଉନ୍ନତି ହୋଇଛି ତାହା ଅନୁଧ୍ୟାନ ପାଇଁ ଭାରତ ସରକାରଙ୍କ ହାଇଦ୍ରାବାଦରେ ଥିବା ଏକ ସଂସ୍ଥା ୨୦୧୩ ମେ ୨୯ରେ ବ୍ରହ୍ମପୁର ଗସ୍ତରେ ଆସିଥିଲେ। ଭଲ କାମ ହୋଇଥିବା ଧୋବାବନ୍ଧ, ସିଙ୍ଗିବନ୍ଧ ଓ ଜଗବନ୍ଧୁ ପୋଖରୀ ଦେଖାଇ ବିଏମସି କର୍ତ୍ତୃପକ୍ଷ ବାହାବା ନେଇଥିଲେ। ୪୨ରୁ ୨୭ ପୋଖରୀ କାର୍ଯ୍ୟ ସରିଥିବା ହିସାବ ଦିଆଯାଇଥିଲା। ଏବେ ସେହି ପୋଖରୀଗୁଡ଼ିକ ଅବସ୍ଥା ଶୋଚନୀୟ ହୋଇଯାଇଛି। ଅନ୍ୟପକ୍ଷରେ ପର୍ଯ୍ୟାୟକ୍ରମେ ସମସ୍ତ ଜଳାଶୟ ଆଧୁନିକୀକରଣ ଓ ପୁନରୁଦ୍ଧାର କରାଯିବ ଏବଂ ଏଥିପାଇଁ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇଥିବା ବିଏମସି ପକ୍ଷରୁ କୁହାଯାଇଛି।

## ସଂକ୍ଷେପରେ

### ମୋହନା ରାସ୍ତାକଡ଼ରେ ବ୍ୟବସାୟ

ମୋହନା,୨୪।୧(ଡି.ଏନ.ଏ.): ମୋହନା ସହରର ଉଭୟ ପାର୍ଶ୍ୱ ରାସ୍ତା କଡ଼ରେ ପନିପରିବା ଦୋକାନ ସାଙ୍ଗକୁ ମାଳାଞ୍ଚଳରୁ ଆଦାୟ ହେଉଥିବା ବନ୍ୟ ଫସଲ ଝୁଡୁଙ୍ଗ, ମାଣ୍ଡିଆ, କାଜୁ, କୋଳଥ, ବିରି, ବରଗୁଡ଼ି, ମେଟଙ୍ଗ ଆଦି ବିକ୍ରୟ ହେଉଛି। ଏହି ପରିବା ଓ ବନ୍ୟଜାତ ଦ୍ରବ୍ୟ ଭୋରରୁ ଆରମ୍ଭ କରି ଅପରାହ୍ନ ଯାଏ ଜମି ରହୁଛି। ବେପାରୀ ଦଲାଲମାନଙ୍କୁ ଦେଇ ଠକରେ ପଡୁଥିବା ଅଞ୍ଚଳବାସୀ ଏଣିକି ନିଜେ ନିଜେ ବିକ୍ରି କରି ସିଧା ଚାଷୀଙ୍କ ଠାରୁ ଖାଉଟି ପାଖକୁ ଯିବାରୁ ଖାଉଟି ଓ ଚାଷୀ ଉଭୟ ଖୁସି ଅଛନ୍ତି। କିନ୍ତୁ ଉକ୍ତ ବ୍ୟବସାୟ ଯୋଗୁ ଜନଗହଳି ଦେଖାଦେଇ ଦୁର୍ଘଟଣାର ଆଶଙ୍କା ଥିବାରୁ ମୋହନାରେ ଏକ ଭେଣ୍ଡିଙ୍ଗ୍ ଜୋନ ଏବଂ ଦୈନିକ ହାଟପଦା କରିବା ପାଇଁ ଏଠାକାର ଚାଷୀ ବ୍ୟବସାୟୀମାନେ ଅନୁରୋଧ କରିଛନ୍ତି।

### ପୋଲିସ କର୍ମଚାରୀଙ୍କ ପକ୍ଷରୁ ରକ୍ତଦାନ ଶିବିର

ମୋହନା,୨୪।୧(ଡି.ଏନ.ଏ.)-ମୋହନା ବ୍ଲକ ଅଡବା ପୋଲିସ କର୍ମଚାରୀଙ୍କ ପକ୍ଷରୁ ରକ୍ତଦାନ ଶିବିର ଆୟୋଜନ ହୋଇଯାଇଛି। ଏଥିରେ ଆର.ଉଦୟଗିରି ଏସ୍‌ଡିପିଓ ଅଶୋକ କୁମାର ମହାନ୍ତି ଯୋଗଦେଇ ରକ୍ତଦାନ ମହାପୁଣ୍ୟର ମହତ୍ୱକୁ ଜନସାଧାରଣଙ୍କୁ ବୁଝାଇଥିଲେ। ବ୍ରହ୍ମପୁର ରକ୍ତ ସଂରକ୍ଷଣ କେନ୍ଦ୍ରର ଏଲ.ଆଇ ହରେକୃଷ୍ଣ ସାହୁ, ଏନ୍.ବି ପ୍ରଧାନ, ଡି.ବି କାର୍ଯ୍ୟୀ, ସି.ଏସ୍ ଗୌଡ଼, ଏନ.ଜି ଦେଓ ପ୍ରମୁଖ ଯୋଗଦେଇ ରକ୍ତ ସଂଗ୍ରହ କରିଥିଲେ। ୩୬ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଜଗନ୍ନାଥ ଦାସ, ଜିତୁ ଗୌଡ, କନିଷ୍ଠ ଯନ୍ତ୍ରୀ ସନ୍ତୋଷ ମଲିକ ଏହି ଶିବିରକୁ ପରିଚାଳନା କରିଥିଲେ।

### ପଞ୍ଚାୟତ ନିର୍ବାହୀ ଅଧିକାରୀମାନଙ୍କ ବାର୍ଷିକ ସମ୍ମିଳନୀ

ମୋହନା,୨୪।୧(ଡି.ଏନ.ଏ.): ମୋହନା ବ୍ଲକ ଲବାରସିଙ୍ଗ ପଞ୍ଚାୟତ କାର୍ଯ୍ୟାଳୟରେ ନିଖିଳ ଉତ୍କଳ ଗ୍ରାମପଞ୍ଚାୟତ ନିର୍ବାହୀ ଅଧିକାରୀମାନଙ୍କ ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ଗ୍ରାମପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଘ ସଭାପତି ରାଜେନ୍ଦ୍ର ରଥ ସଭାପତିତ୍ୱ କରିଥିଲେ। ଉପ-ସଭାପତି ମଧୁ ପାଲାକି, ସମ୍ପାଦକ ସନ୍ତୋଷ ବାହାଦୁର, ଯୁଗ୍ମ ସମ୍ପାଦକ ରବୀନ୍ଦ୍ର ପାତ୍ର, କୋଷାଧ୍ୟକ୍ଷ ମନୋଜ କୁମାର ପଣ୍ଡା ଓ ରାଜ୍ୟ ସ୍ତରୀୟ କର୍ମକର୍ତ୍ତା ନୃସିଂହ ମିଶ୍ର ଯୋଗ ଦେଇଥିଲେ। ଚୁକ୍ତିଭିତ୍ତିକ ପଦବୀ ନିଯୁକ୍ତି ପାଇଁ ଅସନ୍ତୋଷ ପ୍ରକାଶ କରିଥିଲେ। ପଞ୍ଚାୟତ ନିର୍ବାହୀ ଅଧିକାରୀ ଲକ୍ଷ୍ମୀକାନ୍ତ ପାତ୍ର, ଆନ୍ଦ୍ରିୟ ମାଝୀ, ନିବେଶ ପାଣି, କେ. ସୀମାଞ୍ଚଳ, ଜିଶିଓ ମଣ୍ଡଳ, ପ୍ରଭାକର ପ୍ରଧାନ, ସୁଶୀଲ ନାୟକ ଉପସ୍ଥିତ ଥିଲେ।

# ଦୁଇ ଗାଁକୁ ଯୋଡ଼ିଛି କାଠପୋଲ

**ଫୁଲବାଣୀ ଅଫିସ, ୨୪।୧**



କାଠ ପୋଲ।

■ବର୍ଷାଦିନେ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୁଏ
■ହଦଗାଁ, ପିଲିମାହା ଗ୍ରାମରେ ବିଜୁଳି ସାତସପନ

କନ୍ଧମାଳ ଜିଲା କୋଟଗଡ ବ୍ଲକ ପାରିଗଡ ପଞ୍ଚାୟତର ଦୁଇ ଗ୍ରାମ ହଦଗାଁ ଓ ପିଲିମାହା ଦୁର୍ଗମ ଅଞ୍ଚଳ ଭାବେ ପରିଚିତ। ଏହି ଗ୍ରାମକୁ ପ୍ରଶାସନିକ ଅଧିକାରୀଙ୍କ ପାଦ ପଡ଼େ ନାହିଁ। କେବଳ ଭୋଟ ବେଳେ ନେତାମାନେ ବହୁ କଷ୍ଟରେ ଭୋଟ ଭିକ୍ଷା କରିବାକୁ ଆସିଥାନ୍ତି। ସମସ୍ୟାର ସମାଧାନ ନେଇ ବହୁ ପ୍ରତିଶ୍ରୁତି ବି ଦିଅନ୍ତି। ହେଲେ ପଛରେ ଭୁଲି ଯାଆନ୍ତି। ଆରମ୍ଭରୁ ସମସ୍ୟା ଯେପରି ଥିଲା ଆଜି ବି ସେହିଭଳି ରହିଛି। ବର୍ଷାଦିନେ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇପଡେ ଏହି ଦୁଇଟି ଗାଁ। କେବଳ କାଠ ପୋଲଟିଏ ଯୋଗାଯୋଗର ମାଧ୍ୟମ ପାଲଟିଛି। ତାହା ପୁଣି ଗ୍ରାମବାସୀଙ୍କ ପରିଶ୍ରମରେ। ଗ୍ରାମ ୨ଟିକୁ ଆଜି ପର୍ଯ୍ୟନ୍ତ ଭଲ ରାସ୍ତା ନାହିଁ, ଯାହାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଖାଲି ଏତିକି ନୁହେଁ, ବିଜୁଳି ଆଲୁଅ ଆଜି ବି ସାତସପନ।

ବ୍ଲକ ଠାରୁ ପ୍ରାୟ ୪୦ କି.ମି. ଦୂରରେ ରହିଛି ହଦଗାଁ ଓ ପିଲିମାହା ଗ୍ରାମ। ଲୋକ ସଂଖ୍ୟା ୬୦୦ରୁ ଊର୍ଦ୍ଧ୍ୱ। ଅଧିକାଂଶ ଲୋକେ କାମ ଧନ୍ଦା କରି ପରିବାର ଚଳାନ୍ତି। ସେମାନଙ୍କ ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନୁହେଁ। ସର୍ବନିମ୍ନ ମୌଳିକ ସୁବିଧା ଗାଁକୁ ରାସ୍ତାଟିଏ ନାହିଁ। ବର୍ଷା ଦିନେ ଗ୍ରାମବାସୀଙ୍କ ପକ୍ଷରୁ ରାହୁଳ ନଦୀ ଉପରେ ତିଆରି ହେଉଥିବା କାଠପୋଲ ଭାସିଯାଏ। ଫଳରେ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡେ। କାହାର ଦେହ ଖରାପ ହେଲେ ମେଡିକାଲ ଆଣିବା ଅତ୍ୟନ୍ତ କଷ୍ଟକର। ବର୍ଷା ଛାଡିବା ପରେ ଏବଂ ନଦୀରୁ ପାଣି କମିଲେ ଦୁଇ ଗାଁକୁ ଯୋଡୁଥିବା ରାହୁଳ ନଦୀ ଉପରେ ଲୋକେ ବାଉଁଶ, କାଠ ସାହାଯ୍ୟରେ ପୋଲ ନିର୍ମାଣ କରି ଯାତାୟାତ କରନ୍ତି। ରାସ୍ତା ଏବଂ ପୋଲ ପାଇଁ ଦୁଇ ଗ୍ରାମବାସୀ ବାରମ୍ବାର ପ୍ରଶାସନ ପାଖରେ ଅଭିଯୋଗ କରି ଆସୁଛନ୍ତି। ହେଲେ ସମସ୍ୟା ସୁଧୁରି ପାରିନାହିଁ।

କାଠ ପୋଲ ଯାତାୟାତର ମାଧ୍ୟମ। ନଦୀରେ ବଢି ପାଣି ଆସିଲେ ପୋଲ ଧୋଇ ହୋଇଯାଉଛି। ଚାଉଳ ଆଣିବା ପାଇଁ ପ୍ରତିମାସରେ ପଞ୍ଚାୟତକୁ ଯିବାକୁ ନାକେଦମ ହେବାକୁ ପଡୁଛି। ଅଭିଯୋଗକୁ କେହି କର୍ଣ୍ଣପାତ କରୁ ନାହାନ୍ତି ବୋଲି ଉଭୟ ଗ୍ରାମର ଲୋକେ ପ୍ରକାଶ କରିଛନ୍ତି। ଏ ନେଇ ବିଡିଓ କୈଳାସ ଚନ୍ଦ୍ର ମୁର୍ମୁଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ଗ୍ରାମକୁ ରାସ୍ତା ନିର୍ମାଣ କାମ ହେଉଥିଲା। ନିକଟରେ ଠିକାଦାରଙ୍କର ମୃତ୍ୟୁ ହେବାରୁ କାମ ବନ୍ଦ ରହିଥିଲା। ଏବେ କାମ ଆରମ୍ଭ ହେଲାଣି। ସେଠାରେ ପୋଲ ମଧ୍ୟ ହେବ। ନିର୍ମାଣ କାର୍ଯ୍ୟ ଖୁବ୍‌ଶୀଘ୍ର ସାରିବାକୁ ଚେଷ୍ଟା କରାଯାଉଛି ବୋଲି ବିଡିଓ କହିଛନ୍ତି।

# ଧାରଣାରେ ବସିଲେ ବିଡ଼ିଓ





ବିଡ଼ିଓ ଧାରଣାରେ ବସିଛନ୍ତି।

**ରାଇକିଆ,୨୪।୧(ଡ଼ି.ଏନ.ଏ.)**

## ଘର କାମ ସାରୁନାହାନ୍ତି ହିତାଧିକାରୀ

ପ୍ରଧାନମନ୍ତ୍ରୀ ଆବାସ ଯୋଜନା କିମ୍ବା ବିଜୁ ପକ୍କା ଘର ଯୋଜନାର କାର୍ଯ୍ୟାଦେଶ ପାଇଥିଲେ ମଧ୍ୟ ବର୍ଷବର୍ଷ ଧରି ଘର କାମ କରୁନାହାନ୍ତି ହିତାଧିକାରୀ। ପ୍ରଶାସନିକ ଅଧିକାରୀ ବାରମ୍ବାର ହିତାଧିକାରୀଙ୍କ ପାଖକୁ ଦୌଡୁଛନ୍ତି ଘର କାମ ନିରୀକ୍ଷଣ ପାଇଁ କିନ୍ତୁ ନିରାଶ ହୋଇ ଫେରୁଛନ୍ତି। ଏପରିକି କିଛି ହିତାଧିକାରୀ ଦେଖା ମଧ୍ୟ ଦେଉନାହାନ୍ତି। ରାଇକିଆ ବ୍ଲକର ବିଭିନ୍ନ ପଞ୍ଚାୟତରେ ଏପରି କିଛି ହିତାଧିକାରୀ ରହିଛନ୍ତି ଯେଉଁ ମାନେ ଟଙ୍କା ପାଇଥିଲେ ସୁଦ୍ଧା ଘର କାମ କରୁ ନାହାନ୍ତି। ପ୍ରଶାସନର ତାଗିଦକୁ ମଧ୍ୟ ବେଖାତିର କରୁଛନ୍ତି। ଏନେଇ ଶୁକ୍ରବାର ବ୍ଲକ ପ୍ରଶାସନର ଏକ ଅଭିନବ ପ୍ରତିବାଦ ଦେଖିବାକୁ ମିଳିଛି। ବିଡ଼ିଓ ପ୍ରବୀଣ କୁମାର ବାଣୁଆଙ୍କ ସମେତ ଅନ୍ୟକର୍ମଚାରୀମାନେ ଜଣେ ହିତାଧିକାରୀଙ୍କ ଘର ବାହାରେ ଧାରଣାରେ ବସିଥିଲେ। ଉକ୍ତ ହିତାଧିକାରୀ ଜଣକ ୧୫ ଦିନ ମଧ୍ୟରେ ଘର କାମ ସାରିବାକୁ ଲିଖିତ ପ୍ରତିଶୃତି ଦେବା ପରେ ବିଡ଼ିଓ ଧାରଣାରୁ ହଟିଥିଲେ। ଏ ନେଇ ବିଡ଼ିଓ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି କିଛି ହିତାଧିକାରୀ ରହିଯାଇଛନ୍ତି ଯେଉଁ ମାନେ କାର୍ଯ୍ୟାଦେଶ ପାଇଥିଲେ ସୁଦ୍ଧା ଆଦୌ କାମ କରୁନାହାନ୍ତି। ପ୍ରଶାସନର ଅନୁରୋଧକୁ ମଧ୍ୟ ମାନୁ ନାହାନ୍ତି। ଯେଉଁମାନେ ନିର୍ଦ୍ଧାରିତ ସମୟରେ କାମ କରୁନାହାନ୍ତି କିମ୍ବା ପ୍ରଶାସନର ନିର୍ଦ୍ଦେଶକୁ ଅବମାନନା କରୁଛନ୍ତି ଏହିପରି ପ୍ରତିବାଦ କରାଯିବ ବୋଲି କହିଛନ୍ତି।

# ୫୧ ପାଣି ପଞ୍ଚାୟତରୁ ୮ରେ କାମ ଚଳାଇ ଦେଲେ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

**ଫୁଲବାଣୀ ଅଫିସ,୨୪।୧**

## ଦୁର୍ବଳତା ଲୁଚାଇବାକୁ ପ୍ରୟାସ

କନ୍ଧମାଳ ଜିଲାରେ କ୍ଷୁଦ୍ର ଜଳ ସେଚନ (ମାଇନର ଇରିଗେସନ) ବିଭାଗ ପକ୍ଷରୁ ଶୁକ୍ରବାର ପାଣିପଞ୍ଚାୟତ ପକ୍ଷ ଆରମ୍ଭ ହୋଇଛି। ଏହି ପକ୍ଷ ପାଳନବେଳେ ବିଭାଗ ପକ୍ଷରୁ ବହୁ ଅନିୟମିତତା ଦେଖିବାକୁ ମିଳିଛି। ନିଜର ଦୋଷ ଦୁର୍ବଳତା ପଦାରେ ପଡିଯିବା ଭୟରେ ଜିଲାରେ କେବଳ ଏମ୍‌ଆଇ ଅଧୀନରେ ଥିବା ୫୧ ପାଣି ପଞ୍ଚାୟତରୁ ମାତ୍ର ୮ଟିର ସଦସ୍ୟଙ୍କୁ ଡାକି କାମ ଚଳାଇ ଦେଇଛନ୍ତି। ଅଧିକ ଆସିଲେ ପାଣି ପଞ୍ଚାୟତର ଉଦ୍ଦେଶ୍ୟ ସାଧିତ ହେଉ ନ ଥିବା କାଳେ ସମସ୍ତେ ଜାଣିଯିବେ ସେନେଇ ସମସ୍ତଙ୍କୁ ଡକା ଯାଇନାହିଁ। ଖାଲି ଫୁଲବାଣୀ, ଖଜୁରିପଡା ଏବଂ ଟିକାବାଲି ବ୍ଲକରୁ କେତେକ ପାଣି ପଞ୍ଚାୟତ ସଦସ୍ୟଙ୍କୁ ଡାକି ବିଭାଗ କାମ ଚଳାଇ ଦେଇଛି। ସବୁଠୁ ବଡ କଥା ହେଲା ଅତିଥିମାନଙ୍କ କଥା ଶୁଣିବାକୁ ବା ପାଣି ପଞ୍ଚାୟତ ବିଷୟରେ ଜାଣିବାକୁ ଏମାନଙ୍କ ଛଡା କେହି ନ ଥିଲେ। ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିଲା।

ପାଣି ପଞ୍ଚାୟତ ପକ୍ଷ ଗତ ୧୬ରୁ ଆରମ୍ଭ ହୋଇ ୩୦ରେ ସରିବାକୁ ଲକ୍ଷ୍ୟ ରଖାଯାଇଛି। ବୁଧବାର ଅର୍ଥାତ ପକ୍ଷ ଆରମ୍ଭର ୮ ଦିନ ପରେ ଫୁଲବାଣୀରେ ସଚେତନତା ରଥକୁ ଉଦ୍‌ଘାଟନ କରାଯାଇଛି। ଏହି ରଥ ଜିଲାର ୧୨ଟି ବ୍ଲକକୁ ଯାଇ ପାଣି ପଞ୍ଚାୟତ ଉପରେ ସଚେତନ କରିବ। ହାତରେ ଆଉ ମାତ୍ର ୬ ଦିନ ଥିବାରୁ ଏହି ରଥ ଦୁର୍ଗମ ଅଞ୍ଚଳକୁ ଯାଇ ଯାହା ସଚେତନ କରିବ ତାହା ସମସ୍ତଙ୍କୁ ଜଣା ବୋଲି କାର୍ଯ୍ୟକ୍ରମକୁ ଯୋଗଦେବାକୁ ଆସିଥିବା ପାଣି ପଞ୍ଚାୟତର କେତେକ ସଦସ୍ୟ ପ୍ରକାଶ କରିଛନ୍ତି। ଦୁତିମେଣ୍ଡି ସମ୍ପେପଦର କ୍ଷୁଦ୍ର ଜଳସେଚନ ପ୍ରକଳ୍ପରୁ ପାଣି ଚାଷୀଙ୍କ କ୍ଷେତକୁ ଯାଉନାହିଁ। ୨୦୦୪ରୁ ଏପରି ସ୍ଥିତି ଲାଗି ରହିଛି। ଆମେ ଏ ନେଇ ବିଭାଗୀୟ ଅଧିକାରୀଙ୍କ ପାଖରେ ବାରମ୍ବାର ଅଭିଯୋଗ କଲେ ମଧ କେହି ଶୁଣୁନାହାନ୍ତି। ଆମେ ଜଳକର ଦେଇ ଚାଲିଛୁ କିନ୍ତୁ ଚାଷ ଠିକ୍‌ରେ କରିପାରୁନାହୁଁ ବୋଲି ଗାନ୍ଧିଜୟ ଦେହୁରୀ, ସୂର୍ଯ୍ୟନାରାୟଣ ମଲ୍ଲିକ ପ୍ରମୁଖ ପ୍ରକାଶ କରିଛନ୍ତି। ଅନୁଷ୍ଠିତ ପାଣିପକ୍ଷ ସଚେତନତା କାର୍ଯ୍ୟକ୍ରମରେ ଏମ୍‌ଆଇ ନିର୍ବାହୀ ଯନ୍ତ୍ରୀ ଗୌରିପ୍ରସାଦ ପୃଷ୍ଟି, ଫୁଲବାଣୀ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ବୀରେନ୍ଦ୍ର କୁମାର ଦାସ, ଜଳବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ଶୈଳେନ୍ଦ୍ର କୁମାର ନାୟକ, ଉଦ୍ୟାନ କୃଷି ଉପ ନିର୍ଦ୍ଦେଶକ ମନୋଜ କୁମାର ଦାସ, ଉଠା ଜଳସେଚନ ନିର୍ବାହୀ ଯନ୍ତ୍ରୀ ରୁଦ୍ରପ୍ରସାଦ ମିଶ୍ର, ସିଡ଼ିଭିଓ ଆର. ପି. ସାମନ୍ତରାୟ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ମାତ୍ର ଦୁଇ ଦିନ ହେବ ଏଠାରେ ଯୋଗ ଦେଇଛି। କ'ଣ କାର୍ଯ୍ୟକ୍ରମ କରାଯାଇଛି, ତାହା ଉପରେ ମୁଁ ଅବଗତ ନାହିଁ। କାର୍ଯ୍ୟକ୍ରମ ପରେ ସବିଶେଷ ବୁଝିବି ବୋଲି ନିର୍ବାହୀ ଯନ୍ତ୍ରୀ ପୃଷ୍ଟି ପ୍ରତିକ୍ରିୟାରେ କହିଛନ୍ତି।

# ମୋହନାରେ ପରିମଳ ବ୍ୟବସ୍ଥା ଠପ୍

**ମୋହନା,୨୪।୧(ଡି.ଏନ.ଏ.)**

ମୋହନା ବ୍ଲକ ସଦର ମହକୁମାରେ ପରିମଳ ବ୍ୟବସ୍ଥା ଠପ୍ ହୋଇଯାଇଛି। ମୋହନା ବ୍ୟବସାୟର ପେଣ୍ଠସ୍ଥଳ ହୋଇଥିବା ବେଳେ ଏହି ରାଜପଥ ଦେଇ ଦୈନିକ ପଶ୍ଚିମାଞ୍ଚଳକୁ ଶତାଧିକ ଗାଡ଼ିମଟର ଯାତାୟତ କରିଥାଏ। ଏହାର ୧୩ ୱାର୍ଡ ଥିବା ବେଳେ ସହରର ଡ୍ରେନେଜ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏଥିସହ ରାସ୍ତା କଡ଼ରେ କୁଢ଼ କୁଢ଼ ପଲିଥିନ ପଡ଼ି ରହିଛି। ବ୍ଲକରେ ୩୯ ଗ୍ରାମପଞ୍ଚାୟତରୁ ଦୈନିକ ବହୁ ଜନସାଧାରଣ ବିଭିନ୍ନ କାମ ପାଇଁ ସହରକୁ ଆସିଥାନ୍ତି। କିନ୍ତୁ ଡ୍ରେନରୁ ପାଣି ନିଷ୍କାସନ ହୋଇପାରୁ ନ ଥିବାରୁ ଏହା ପଚି ଦୁର୍ଗନ୍ଧ ବାହାରୁଛି। ଦୈନିକ ଗୃହ ବ୍ୟବହାରର ଦୂଷିତ ପାଣି ମଧ୍ୟ ରାସ୍ତାଘାଟରେ ଯାଇ କୃତ୍ରିମ ବନ୍ୟା ସୃଷ୍ଟି କରୁଛି। ଫଳରେ ଲୋକଙ୍କୁ ବହୁ ଅସୁବିଧା ହେଉଛି। ଅନ୍ୟପଟେ ସରକାରଙ୍କ ଯୋଜନାରେ ଗ୍ରାମ୍ୟ କଲ୍ୟାଣ ସମିତି ଓ ପଞ୍ଚାୟତକୁ ଆସୁଥିବା ଅର୍ଥ ବାଟମାରଣା ହେଉଥିବା ଅଭିଯୋଗ ହୋଇଛି। ଏଣୁ ଏଥିପ୍ରତି ଶୀଘ୍ର ପଦକ୍ଷେପ ନେବା ପାଇଁ ସାଧାରଣରେ ଦାବି ହୋଇଛି।

# ମହିଳାଙ୍କ ବିକାଶରେ ଦେଶର ବିକାଶ



କର୍ମଶାଳାରେ ଉପସ୍ଥିତ ଅତିଥି ଏବଂ ମହିଳା।

**ଫୁଲବାଣୀ ଅଫିସ, ୨୪।୧**

ଟିକାବାଲିସ୍ଥିତ ପଞ୍ଚାୟତ ସମ୍ମିଳନୀ କକ୍ଷରେ ମହିଳାଙ୍କ ଅଧିକାର ଓ ଦାବି ସମ୍ପର୍କିତ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସରପଞ୍ଚ ରଶ୍ମିତା କହଁର ଯୋଗଦେଇ ମହିଳା ସଶକ୍ତୀକରଣ ଉପରେ ଆଲେଚନା କରିଥିଲେ। ମହିଳା ଶକ୍ତିଶାଳୀ ହେଲେ ପରିବାର ସହ ଦେଶର ମଧ୍ୟ ବିକାଶ ହୋଇପାରିବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ସିଡିପିଓ ପାନାମଣି ହାଁସଦା ଯୋଗଦେଇ କହିଥିଲେ, ବର୍ତ୍ତମାନ ବହୁ ମହିଳା ବିଭିନ୍ନ କର୍ମସଂସ୍ଥାନରେ କାର୍ଯ୍ୟରତ ଅଛନ୍ତି। ଗୃହିଣୀମାନେ ମଧ୍ୟ ନିଜ ଇଚ୍ଛାଶକ୍ତିକୁ ଦୃଢ଼ କରିପାରିଲେ ପରିବାରର ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିପାରିବେ। ସ୍ୱୟଂ ସହାୟକ ଦଳ ଗଠନ କରି ଛୋଟ ଛୋଟ ବ୍ୟବସାୟ ଆରମ୍ଭ କଲେ ଆତ୍ମନିର୍ଭରଶୀଳ ହୋଇପାରିବେ। ସେହିପରି ବାଲ୍ୟ ବିବାହ ପରି କୁସଂସ୍କାରକୁ ମହିଳାମାନେ ଚାହିଁଲେ ସମାଜରୁ ଦୂର କରିପାରିବେ ବୋଲି ସେ କହିଥିଲେ। ପ୍ରିୟଦର୍ଶିନୀ ପ୍ରଧାନ ମହିଳାମାନଙ୍କ ସ୍ୱାସ୍ଥ୍ୟ ଓ ପ୍ରମୋଦ କୁମାର ସାହୁ ମହିଳାମାନଙ୍କ ବିକାଶରେ ଗଣମାଧ୍ୟମର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ଅଶୋକ କୁମାର ତ୍ରିପାଠୀଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମମତା ଦାଶ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅଞ୍ଜନା ବେହେରା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ରେହେମା ଖାତୁନ୍ ଧନ୍ୟବାଦ ଦେଇଥିଲେ।

# ଜାତୀୟ କନ୍ୟା ସନ୍ତାନ ଦିବସ ପାଳିତ

**ଫୁଲବାଣୀ ଅଫିସ, ୨୪।୧**

ଜାତୀୟ କନ୍ୟା ରତ୍ନ ଦିବସ ଶୁକ୍ରବାର ମେଡିକାଲ ପ୍ରଶାସନ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏକ ସଚେତନତା ରଥ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରୁ ବାହାରିଥିଲା। ଜିଲାପାଳ ଡା. ବୃନ୍ଦା ଡି ଏହାକୁ ଉଦ୍‌ଘାଟନ କରିଥିଲେ। ଏଏନ୍‌ଏମ୍ ଛାତ୍ରୀ, ଆଶା, ଅଙ୍ଗନୱାଡି କର୍ମୀମାନେ ଶୋଭାଯାତ୍ରାରେ ସାମିଲ ସହର ପରିକ୍ରମା କରିଥିଲେ। ଅପରାହ୍ନରେ ଗାନ୍ଧିସ୍ମୃତି ଭବନ ପରିସରରେ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ରାଜଶ୍ରୀ ପଟ୍ଟନାୟକ, ଉପ ଜିଲାପାଳ ସୁରେଶ ଚନ୍ଦ୍ର ପ୍ରଧାନ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ରଶ୍ମିତା କରଣ, ଜିଲା ସମାଜ ମଙ୍ଗଳ ଅଧିକାରୀ ମନୋସ୍ୱିନୀ ମିଶ୍ର, ଶିଶୁ ସୁରକ୍ଷା କମିଟି ଅଧ୍ୟକ୍ଷ ଅଶୋକ କୁମାର ବେହେରା, ସ୍ୱାତୀ ସମ୍ପାଦକ ଇଂ. ହରିଶଙ୍କର ରାଉତ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଥିଲେ। ଏହି ଅବସରରେ ଧାବିକା ଶ୍ରାବଣୀ ନନ୍ଦ, ଭେଷଜ ଡାକ୍ତର ଶୁଭଲକ୍ଷ୍ମୀ ସାହୁ, ଓଡିଶା ପ୍ରଶାସନିକ ସେବା ପରୀକ୍ଷାରେ ସଫଳ ହୋଇଥିବା ନିବେଦିତା ନାୟକ, ବାଲ୍ୟ ବିବାହ ବିରୋଧରେ ସଚେତନତା ସୃଷ୍ଟି କରୁଥିବା ଲଙ୍କାଗଡର ମନୋମିତା ଦେଶିମାଝୀ ଓ ଜି. ଉଦୟଗିରିର ବିଷ୍ଣୁପ୍ରିୟା ପ୍ରଧାନଙ୍କୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସମ୍ମାନିତ କରା ଯାଇଥିଲା। ସେହପରି ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ ରାଜ୍ୟ ବାହାରେ ଖେଳି ଜିଲାପାଇଁ ଗୌରବ ଆଣିଥିବା ଜି. ଉଦୟଗିରି ସେବା ସଦନର ଲେନି ଦିଗାଲ ଓ ବିଳାସିନୀ ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ସୂଚନା ଅଧିକାରୀ ଜ୍ୟୋସ୍ନାରାଣୀ ମହାନ୍ତି ଧନ୍ୟବାଦ ଦେଇଥିଲେ।

ଫିରିଙ୍ଗିଆ- ଫିରିଙ୍ଗିଆ ବ୍ଲକ କରଣ୍ଡାଗଡ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏହି ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସୀମାଞ୍ଚଳ ମୁଖୀ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଶିକ୍ଷକ ଜତିନ୍ଦ୍ର କୁମାର ପରିଡା, ସୁରେଶ ଚନ୍ଦ୍ର ବଳିଆରସିଂ, ଜଳେଶ୍ୱର କହଁର, ଅଙ୍ଗନୱାଡି କର୍ମୀ ପ୍ରମିଳା ସାହୁ ପ୍ରମୁଖ ଉପସ୍ଥିତ ରହି ମତ ରଖିଥିଲେ। ଏହି ଅବସରରେ ଛାତ୍ରୀମାନଙ୍କୁ ଫୁଲ ଚନ୍ଦନ ଦେଇ ସ୍ୱାଗତ କରା ଯାଇଥିଲା। କାର୍ଯ୍ୟକ୍ରମରେ ଉପସ୍ଥିତ ଅଭିଭାବକଙ୍କୁ କନ୍ୟା ଭୃଣହତ୍ୟା, ବାଲ୍ୟବିବାହ, ଶିଶୁ ଶ୍ରମିକ ନିରୋଧ ଆଇନ ସମ୍ପର୍କରେ ସଚେତନ କରାଯାଇଥିଲା। ସତ୍ୟ ପ୍ରସାଦ କର୍ନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।





ସଚେତନତା ରାଲି।

# ସିଆଙ୍ଗବାଲି, ତାମାଙ୍ଗିକୁ ଗଡ଼ିଲା ବସ୍

**ଦାରିଙ୍ଗବାଡ଼ି,୨୪।୧(ଡି.ଏନ.ଏ)**

କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକର ଦୁର୍ଗମ ପଞ୍ଚାୟତ ହାତିମୁଣ୍ଡାର ତାମାଙ୍ଗି ଏବଂ ସିଆଙ୍ଗବାଲି ପଞ୍ଚାୟତକୁ ଶୁକ୍ରବାର ଠାରୁ ଯାତ୍ରୀବାହୀ ବସ୍ ଗଡ଼ିଲା। ଏହାକୁ ନେଇ ଅଞ୍ଚଳବାସୀ ଖୁସିବ୍ୟକ୍ତ କରିବା ସହ ଜିଲାପାଳ ଡ.ବୃନ୍ଦା ଡି ଏବଂ ଫୁଲବାଣୀ ଆଞ୍ଚଳିକ ପରିବହନ ଅଧିକାରୀ ତଥା ଏମ୍‌ଭିଆଇ ଗତୀକୃଷ୍ଣ ସାମନ୍ତରାୟଙ୍କୁ ସାଧୁବାଦ ଜଣାଇଛନ୍ତି। ସିଆଙ୍ଗବାଲିକୁ ଏକ ଘରୋଇ ବସ୍ ପ୍ରଥମ ଥର ପାଇଁ ଚଳାଚଳ କରିଛି। ସକାଳ ୭ଟାରେ ସିଆଙ୍ଗବାଲି ଠାରୁ ବାହାରି ବାଲିଗୁଡ଼ା ଅଭିମୁଖେ ଯାତ୍ରା କରିଥିଲା। ସେହିପରି ଫୁଲବାଣୀ ଠାରୁ ହାତୀମୁଣ୍ଡା ପଞ୍ଚାୟତକୁ ଯାଉଥିବା ସରକାରୀ ବସ୍ ସ୍ଥାନୀୟ ଲୋକଙ୍କ ଦାବି ପରେ ଉକ୍ତ ପଞ୍ଚାୟତର

**ଧରିତ୍ରୀ ପ୍ରଭାବ**

ତାମାଙ୍ଗି ପର୍ଯ୍ୟନ୍ତ ଯାତ୍ରା ଆରମ୍ଭ କରିଛି। ତାମାଙ୍ଗି ଦୁର୍ଗମ ଅଞ୍ଚଳ ହୋଇଥିବାବେଳେ ପର୍ଯ୍ୟଟନକେନ୍ଦ୍ର ଭାବେ ଜଣାଶୁଣା। ଏଠାରେ ଥିବା ରଷିମାଳ ପାହାଡ଼ରୁ ରଷିମାଳ ନଦୀର ସୃଷ୍ଟି ହୋଇଛି। ଏଣୁ ରାଜ୍ୟ ତଥା ରାଜ୍ୟ ବାହାରୁ ଉକ୍ତ ସ୍ଥାନକୁ ପର୍ଯ୍ୟଟକ ଆସୁଛନ୍ତି।

ବସ୍ ଚଳାଚଳ ପରେ ସ୍ଥାନୀୟ ବହୁ ସୁବିଧା ହେବ ବୋଲି ହାତୀମୁଣ୍ଡାର ପୂର୍ବତନ ସମିତିସଭ୍ୟ ଉପେନ୍ଦ୍ର ବଳିଆର ସିଂ। ଫୁଲବାଣୀ ଆଞ୍ଚଳିକ ପରିବହନ ଅଧିକାରୀ ତଥା ଏମଭିଆଇ ସାମନ୍ତରାୟ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ, ଜିଲାପାଳଙ୍କ ନିର୍ଦ୍ଦେଶ ପ୍ରକାରେ ଏହି ଦୁଇ ସ୍ଥାନକୁ ଯାତ୍ରୀବାହୀ ବସ୍ ଦିଆଯାଇଛି। ଏଥି ସହ ରାଇକିଆ ବ୍ଲକର ଦୁର୍ଗମ ଅଞ୍ଚଳ ବାଦଗଡ଼, ଇନ୍ଦ୍ରଗଡ଼କୁ ମଧ୍ୟ ଆସନ୍ତା ସପ୍ତାହକ ମଧ୍ୟରେ ସରକାରୀ ବସ୍ ଚଳାଚଳ କରିବ। ଏନେଇ ଜିଲାପାଳ ଡ.ବୃନ୍ଦା ଡିଙ୍କ ସହ ଯୋଗାଯୋଗ କରାଯିବାରୁ ସେ ଲୋକଙ୍କ ଯାତାୟତର ସୁବିଧା ପାଇଁ ପଦକ୍ଷେପ ନେଉଛି ବୋଲି କହିଛନ୍ତି। ପ୍ରକାଶଯେ ସିଆଙ୍ଗବାଲି ପଞ୍ଚାୟତରେ ମୋବାଇଲ ଟାୱାର ଏବଂ ଯାତ୍ରୀବାହୀ ବସ୍ ଚଳାଚଳ ପାଇଁ ଅଞ୍ଚଳବାସୀ ଦାବି କରିବା ସହ ଏନେଇ ଆନ୍ଦୋଳନ ପାଇଁ ସଜବାଜ ହେଉଥିବା ବୁଧବାର କେବଳ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା।

# ବାଟ ହୁଡୁଛି ଆଇଟିଡିଏ ଉନ୍ନୟନ କାର୍ଯ୍ୟ

**ଦାରିଙ୍ଗବାଡ଼ି,୨୪।୧(ଡି.ଏନ୍.ଏ.)**



ବ୍ୟବହୃତ ହେଉ ନ ଥିବା ପାଇଖାନା।

■ପାଇଖାନା ନିର୍ମାଣ ନିମ୍ନମାନର
■ଜଙ୍ଗଲକୁ ଶୌଚ ପାଇଁ ଯାଉଛନ୍ତି ଛାତ୍ର

ଦାରିଙ୍ଗବାଡ଼ି ବ୍ଲକ ଦୁର୍ଗମ ଅଞ୍ଚଳ କାଟିଙ୍ଗିଆ ପଞ୍ଚାୟତର ତିଆରିଗାଁ ଛାତ୍ରାବାସ ଏବଂ ସରାମୁଳି ପଞ୍ଚାୟତର ପାକଲମାହା ଛାତ୍ରାବାସରେ ବହୁ ଅବ୍ୟବସ୍ଥା ଦେଖାଯାଇଛି। ହଷ୍ଟେଲରେ ରହୁଥିବା ଛାତ୍ରଙ୍କ ପାଇଁ ଲକ୍ଷାଧିକ ଟଙ୍କା ବିନିମୟରେ ପାଇଖାନା ନିର୍ମାଣ କରାଯାଇଥିଲେ ସୁଦ୍ଧା ନିମ୍ନ ମାନର କାର୍ଯ୍ୟ ଯୋଗୁ ଛାତ୍ରମାନେ ଶୌଚ ପାଇଁ ନିକଟସ୍ଥ ଜଙ୍ଗଲରେ ବହିଯାଉଥିବା ନାଳକୁ ଯାଉଛନ୍ତି। ଅପରାହ୍ନରେ ବିଦ୍ୟାଳୟ ଛୁଟି ପରେ ଖେଳକୁଦ କରି ସନ୍ଧ୍ୟା ସମୟରେ ଶୌଚପାଇଁ ଯିବାକୁ ପଡୁଛି ଏଭଳି ଦିନେ କି ଦୁଇଦିନ ନୁହେଁ ପ୍ରତିଦିନ ବିପଦପୂର୍ଣ୍ଣ ଭାବେ ଶୌଚ ପାଇଁ ଯାଉଛନ୍ତି। ଛାତ୍ରଙ୍କ ସୁରକ୍ଷା ନେଇ ଅଭିଭାବକ ଏବଂ ବିଦ୍ୟାଳୟ କର୍ତ୍ତୃପକ୍ଷ ଚିନ୍ତାରେ। ଏନେଇ ତିଆରିଗାଁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁରେଶ ରାଉତ କହିଛନ୍ତି ଯେ, ଲକ୍ଷାଧିକ ଟଙ୍କାରେ ଛାତ୍ରଙ୍କ ପାଇଁ କରାଯାଇଥିବା ପାଇଖାନାର କବାଟ ପଡୁ ନ ଥିବାବେଳେ ପାଇପରେ ମଇଳା ନ ଯାଇ ଚୋକ୍ ହେଉଛି। ନିକଟରେ ରୋଷେଇ ଘର ରହିଥିବାବେଳେ ଛାତ୍ରମାନେ ରହୁଥିବା ହଷ୍ଟେଲ ନିକଟରେ ଏହି ପାଇଖାନା ନିର୍ମାଣ କରାଯାଇଛି ତେଣୁ ଦୁର୍ଗନ୍ଧ ହେଉଛି। ଏନେଇ ସେ ବାରମ୍ବାର ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀଙ୍କ ସମେତ ବାଲିଗୁଡ଼ା ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ଏବଂ ବିଭାଗୀୟ ଯନ୍ତ୍ରୀଙ୍କୁ ଅବଗତ କରାଇଛନ୍ତି ହେଲେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବା ଦୁର୍ଭାଗ୍ୟଜନକ ବୋଲି ଉଦ୍‌ବେଗ ପ୍ରକାଶ କରିଛନ୍ତି।

ଅଞ୍ଚଳର ଜଣେ ପ୍ରଭାବଶାଳୀ ଶିକ୍ଷକ ଉକ୍ତ ଠିକା କାର୍ଯ୍ୟ କରି ଏଭଳି ନିମ୍ନମାନର କାର୍ଯ୍ୟ କରୁଥିବା ସ୍ଥାନୀୟ ପାଇପରୁ ପାଣି ଲିକେଜ ହୋଇ ଦୁର୍ଗନ୍ଧ ହେଉଛି। ହଷ୍ଟେଲ ମରାମତି କାର୍ଯ୍ୟ ଅଧାରୁ ବନ୍ଦ କରିଦିଆଯାଇଛି। ଫଳରେ ହଷ୍ଟେଲର ଛାତ୍ରମାନେ ଏକ ଶ୍ରେଣୀ ଅର୍ଥ ବାଟମାରଣ ହେଉଥିବା ଆଶଙ୍କା କରାଯାଇଛି। ଏନେଇ ବିଭାଗୀୟ ଯନ୍ତ୍ରୀ ବୁଦ୍ଧିରାମ ମୁର୍ମୁଙ୍କ ସହ ଯୋଗାଯୋଗ କରାଯିବାରୁ ସେ ଏନେଇ ଠିକାଦାର କୌଣସି ନିମ୍ନମାନର କାର୍ଯ୍ୟ କରିନାହାନ୍ତି ବରଂ କାମରେ ଏପଟ ସେପଟ ହୋଇ ଭୁଲ ହୋଇଛି। ତେଣୁ ତାହା ପୁଣି ମରାମତି କରାଯିବ ବୋଲି କହିଛନ୍ତି।

ସୂଚନାଯୋଗ୍ୟ ଯେ, କନ୍ଧମାଳ ଜିଲାରେ ବାଲିଗୁଡ଼ା ସମନ୍ୱିତ ଜନଜାତି ଉନ୍ନୟନ ସଂସ୍ଥା (ଆଇଟିଡିଏ)ପକ୍ଷରୁ ସମସ୍ତ ଛାତ୍ରାବାସରେ ସ୍ୱଚ୍ଛ ପିଇବା ପାଣି ସମେତ ପାଇଖାନା, ଏବଂ ହଷ୍ଟେଲ ଗୃହ ନିର୍ମାଣ ସହ ମରାମତି କାର୍ଯ୍ୟ କରାଯାଉଛି। ହେଲେ କିଛି ଅଧିକାରୀଙ୍କ ତଦାରଖ ଅଭାବ ଯୋଗୁ ଏହା ଦିଗହରା ହୋଇପଡୁଥିବା ନେଇ ଜନଅସନ୍ତୋଷ ଦେଖାଯାଇଛି। କେଉଁଠି କାର୍ଯ୍ୟ ନିମ୍ନ ମାନର କରାଯାଉଛି ତ ଆଉ କେଉଁଠି କାର୍ଯ୍ୟକୁ ଅଧାରୁ ଛାଡ଼ି ଦିଆଯାଉଛି ଯାହାକି ଦୁର୍ଗମ ଅଞ୍ଚଳରେ ଜନଜାତି ସମ୍ପ୍ରଦାୟ ପାଇଁ କରାଯାଉଥିବା ଜନହିତକର ଯୋଜନା ବାଟ ହୁଡୁଛି।

# ପେଟ୍ରୋଲ ଢାଳି ଯୁବକଙ୍କୁ ଜାଳିଦେବାକୁ ଉଦ୍ୟମ

**ଭଞ୍ଜନଗର,୨୪।୧(ଡି.ଏନ୍.ଏ.)**

ଗଞ୍ଜାମ ଜିଲା ବେଲଗୁଣ୍ଠା ଫାଣ୍ଡି ଧୁମୁଛାଇ ଛକରେ ଶୁକ୍ରବାର ଅପରାହ୍ନ ପ୍ରାୟ ୨ଟାରେ ଜଣେ ଯୁବକଙ୍କୁ ୨ଜଣ ପେଟ୍ରୋଲ ପକାଇ ନିଆଁ ଲଗାଇ ଦେଇଥିଲେ। ଯୁବକ ଜଣକ ଗୁରୁତର ଆହତ ହୋଇଛନ୍ତି। ସେହେଲେ ଧୁମୁଛାଇର ସନ୍ତୋଷ ନାୟକ (୩୨)। ସନ୍ତୋଷଙ୍କୁ ପ୍ରଥମେ ଭଞ୍ଜନଗର ମେଡ଼ିକାଲ ଓ ପରେ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି।

ପ୍ରକାଶ ଯେ, ସନ୍ତୋଷ ଶୁକ୍ରବାର ଅପରାହ୍ନରେ ଗ୍ରାମ ଛକକୁ ବୁଲି ଯାଇଥିଲେ। ଏହି ସମୟରେ ସେଠାରେ ଜଣେ ଅଭିଯୁକ୍ତ ସନ୍ତୋଷଙ୍କୁ କାବୁ କରି ନେବାପରେ ଅନ୍ୟଜଣେ ତାଙ୍କ ଦେହରେ ପେଟ୍ରୋଲ ଢ଼ାଳିଥିଲେ। ଏହାପରେ ଅଭିଯୁକ୍ତମାନେ ନିଆଁ ଲଗାଇ ଦେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ସ୍ଥାନୀୟଲୋକେ ସନ୍ତୋଷଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଦମକଳ ବାହିନୀ ସହାୟତାରେ ଭଞ୍ଜନଗର ହସ୍‌ପିଟାଲକୁ ନେଇଥିଲେ।


ଆହତ ସନ୍ତୋଷ।

ପୋଲିସ ଭଞ୍ଜନଗର ମେଡ଼ିକାଲରେ ପହଞ୍ଚି ଯୁବକଙ୍କ ବୟାନ ରେକର୍ଡ଼ କରିଛି। ଘଟଣାରେ ସମ୍ପୃକ୍ତି ଅଭିଯୋଗରେ ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ପୂର୍ବ ଶତ୍ରୁତାରୁ ଏହିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି।

■ଗୁରୁତର ଅବସ୍ଥାରେ ଏମ୍‌କେସିଜିରେ ଭର୍ତ୍ତି

■ଜଣଙ୍କୁ ଅଟକ ରଖି ପୋଲିସର ତଦନ୍ତ

ପୋଲିସ ଏନେଇ ବିଶେଷ କିଛି କହୁ ନ ଥିଲେ ମଧ ଅଞ୍ଚଳରେ ଆତଙ୍କ ଖେଳିଯାଇଛି। ଆକ୍ରମଣକାରୀ ଦୁଇ ଯୁବକ ଧୁମୁଛାଇ ଓ ନୂଆଗାଁର ବୋଲି ଆଲୋଚନା ହେଉଛି।

ଅନ୍ୟଏକ ସୂତ୍ରରୁ ପ୍ରକାଶ ଯେ, ସନ୍ତୋଷ ଓ ଆଉ କେତେଜଣ ଯୁବକ ଛକରେ ଠିଆ ହୋଇ କଥା ହେଉଥିବାବେଳେ ସେମାନଙ୍କ ମଧ୍ୟରେ କୌଣସି କାରଣରୁ ବଚସା ହୋଇଥିଲା। ଏହାପରେ ଅଭିଯୁକ୍ତମାନେ ପେଟ୍ରୋଲ ଆଣି ସନ୍ତୋଷଙ୍କ ଦେହରେ ଢ଼ାଳି ନିଆଁ ଲଗାଇ ଦେଇଥିଲେ।

# ଏଟିଏମ୍‌ରୁ ଲୁଟ ଉଦ୍ୟମ, ୩ ଅଟକ

**ବେଗୁନିଆପଡ଼ା,୨୪।୧(ଡି.ଏନ.ଏ.)**

ବେଗୁନିଆପଡା ଠାରୁ ତିରିଡା ରାସ୍ତା ପାର୍ଶ୍ୱରେ ଥିବା ଆଇସିଆଇସିଆଇ ବ୍ୟାଙ୍କ ଏଟିଏମ୍‌ରୁ ଗୁରୁବାର ବିଳମ୍ବିତ ରାତିରେ ଲୁଟ ଉଦ୍ୟମ ହୋଇଥିବା ଅଭିଯୋଗ ହୋଇଛି। ବ୍ୟାଙ୍କ ମ୍ୟାନେଜର ଦେବାଶିଷ ପଣ୍ଡାଙ୍କ ଏତଲା କ୍ରମେ ବେଗୁନିଆପଡ଼ା ପୋଲିସ ୩ ଜଣଙ୍କୁ ଅଟକ ରଖିଛି। ଦୁର୍ବୃତ୍ତମାନେ ବ୍ୟାଙ୍କରେ ପଶି ପ୍ରଥମେ ଏଟିଏମ୍‌ର ଦୁଇଟି ସିସି କ୍ୟାମେରାକୁ ଭାଙ୍ଗିବା ସହ ଲୁଟ ଉଦ୍ୟମ କରି ବିଫଳ ହୋଇ ଚାଲିଯାଇଥିଲେ। ଶୁକ୍ରବାର ସକାଳୁ ମ୍ୟାନେଜର ପଣ୍ଡା ଆସି ସ୍ଥାନୀୟ ଫାଣ୍ଡିରେ ଏତଲା ଦେଇଥିଲେ।

# ମହିଳାଙ୍କୁ ବଳାତ୍କାର ଅଭିଯୋଗ, ଗ୍ରାମସାଥୀ ଗିରଫ

**ହିଞ୍ଜିଳିକାଟୁ,୨୪।୧(ଡ଼ି.ଏନ୍.ଏ.)**

ହିଞ୍ଜିଳି ଥାନା ଅଞ୍ଚଳର ଏକ ଗ୍ରାମରେ ଜଣେ ମହିଳାଙ୍କୁ ଆବାସ ଘର ଲୋଭ ଦେଖାଇ ଜଣେ ଗ୍ରାମସାଥୀ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ବିବାହିତା ମହିଳାଙ୍କ ସ୍ୱାମୀ ରାଜ୍ୟ ବାହାରେ ଦାଦନ ଖଟିବାକୁ ଯାଇଥିବାବେଳେ ସେ ଗ୍ରାମରେ ଏକାକୀ ରହୁଥିଲେ। ଅଭିଯୁକ୍ତ ଗ୍ରାମସାଥୀ ଜଣକ ମହିଳାଙ୍କୁ ଆବାସ ଯୋଜନାରେ ଘର କରାଇଦେବେ ବୋଲି ପ୍ରଲୋଭିତ କରିଥିଲେ। ଏହାପରେ ଅଭିଯୁକ୍ତ ଗ୍ରାମସାଥୀ ଗତ ୨୫ ଡ଼ିସେମ୍ବର ରାତିରେ ମହିଳାଙ୍କ ଘରେ ପଶି ବଳାତ୍କାର କରିଥିଲେ। ଘଟଣା ସମ୍ପର୍କରେ କାହାକୁ ଜଣାଇଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ମହିଳା ଜଣକ ସ୍ୱାମୀଙ୍କୁ ଘଟଣା ସମ୍ପର୍କରେ ଫୋନ୍ କରି ଜଣାଇଥିଲେ। ସ୍ୱାମୀ ଗ୍ରାମରେ ପହଞ୍ଚି ଗ୍ରାମ କମିଟି ଆଗରେ ସବୁକଥା କହିଥିଲେ। ଡ଼ିସେମ୍ବର ୨୯ରେ ଗ୍ରାମ କମିଟି ବସି ମାମଲାର ବିଚାର ହୋଇଥିଲା। ଏଥିରେ ଗ୍ରାମସାଥୀଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଥିଲା। ମାତ୍ର ଗ୍ରାମସାଥୀ ଗ୍ରାମସଭାର ନିୟମକୁ ମାନି ନଥିଲେ। ଫଳରେ ପୀଡିତା ମହିଳା ଗୁରୁବାର ହିଞ୍ଜିଳି ଥାନାରେ ଅଭିଯୋଗ କରିଛନ୍ତି। ନଂ.୨୪/୨୦ରେ ମାମଲା ରୁଜୁ ହୋଇଛି। ଅଭିଯୁକ୍ତଙ୍କୁ ଗିରଫ କରାଯାଇ ଘଟଣାର ତଦନ୍ତ ଚାଲିଛି ବୋଲି ଆଇଆଇସି ଅଭିମନ୍ୟୁ ଦାଶ କହିଛନ୍ତି।




# ହତ୍ୟା ଧମକ ଘଟଣା, ୨ ଅଭିଯୁକ୍ତ ଗଲେ ଜେଲ

**ଦିଗପହଣ୍ଡି,୨୪।୧(ଡି.ଏନ.ଏ.)**

ମହିଳାଙ୍କୁ ହତ୍ୟା ଧମକ ଅଭିଯୋଗରେ ଦିଗପହଣ୍ଡି ପୋଲିସ ମାମଲା ନଂ. ୯/୨୦ ଅନୁଯାୟୀ ଶୁକ୍ରବାର ୨ ଜଣଙ୍କୁ କୋର୍ଟ ଚାଲାଣ କରିଛି। ସେମାନେ ହେଲେ କୁଶପଡ଼ା ଗାଁର ବି.ଦୁର୍ଯ୍ୟୋଧନ ଏବଂ ବି.ଉମା। ସନ୍ଧ୍ୟାରେ ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ଦିଗପହଣ୍ଡି ସବ୍ ଜେଲକୁ ପଠାଯାଇଛି।

ଗତ ୧୨ ତାରିଖରେ ଗ୍ରାମର ଜଣେ ମହିଳା ଗୃହ ନିର୍ମାଣ ପାଇଁ ଘର ସମ୍ମୁଖରେ ରଖିଥିବା ବାଲି, ଚିପ୍ସ ଗୁଡ଼ିକୁ ଅଭିଯୁକ୍ତମାନେ ଜବରଦସ୍ତ ନେଇ ଯାଇଥିଲେ। ମହିଳା ଜଣକ ପ୍ରତିବାଦ କରିବାରୁ ସେମାନେ ତାଙ୍କୁ ହତ୍ୟା ଧମକ ଦେଇଥିଲେ। ଏ ନେଇ ମହିଳା ଜଣକ ଥାନାରେ ଏତଲା ଦେଇଥିଲେ। ଗିରଫ ଭୟରେ ଅଭିଯୁକ୍ତ ଦ୍ୱୟ ଗାଁରୁ ଫେରାର ଥିଲେ। ଗୁରୁବାର ରାତିରେ ସେମାନଙ୍କୁ ଗାଁରୁ ତଦନ୍ତକାରୀ ଅଧିକାରୀ ମାଧବ ଚନ୍ଦ୍ର ଟାକ୍ରି ଗିରଫ କରିଥିଲେ। ଗ୍ରାମର ବିଜେ ରାଧାକୃଷ୍ଣ ମନ୍ଦିରର ଜମିକୁ ଅଭିଯୁକ୍ତ ଦ୍ୱୟ ଜବରଦଖଲ କରି ବେଆଇନ ଗୁହାଳ ଘର ନିର୍ମାଣ କରିଛନ୍ତି। ମନ୍ଦିର ପୂଜକ ତଥା ମହିଳାଙ୍କ ଭାଇ ଅଶୋକ କୁମାର ପାଣିଗ୍ରାହୀ ଏନେଇ ପ୍ରତିବାଦ କରିବାରୁ ସେମାନେ ତାଙ୍କୁ ମଧ ଆକ୍ରମଣ ଉଦ୍ୟମ କରିବା ସହ ଧମକ ଦେଇଥିଲେ। ଅଶୋକଙ୍କ ଏତଲା କ୍ରମେ ପୋଲିସ ନଂ. ୨୪୭/୧୯ରେ ମାମଲା ରୁଜୁ କରିଥିଲା। ସେହିଦିନରୁ ଅଭିଯୁକ୍ତ ଦ୍ୱୟ ସେମାନଙ୍କ ସମର୍ଥକ ମାନଙ୍କୁ ନେଇ ଅଶୋକ ଓ ତାଙ୍କ ପରିବାର ଲୋକଙ୍କୁ ବିଭିନ୍ନ ସମୟରେ ଗାଳି ଗୁଲଜ ଓ ଧମକ ଦେଇ ଆସୁଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।




# ଜମି ବିବାଦରୁ ଗୋଷ୍ଠୀ ସଂଘର୍ଷ: ୨ ଗୁରୁତର

**ପାତ୍ରପୁର,୨୪।୧(ଡି.ଏନ୍.ଏ.)**

ଜରଡ଼ା ଥାନା ଖମ୍ବାରୀଗାଁ ପଞ୍ଚାୟତ ବାବନପୁର ଗ୍ରାମରେ ଗୁରୁବାର ବିଳମ୍ବିତ ରାତିରେ ଜମିବାଡି ବିବାଦରୁ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟିଛି। ଏଥିରେ ଦୁଇ ଜଣ ଗୁରୁତର ହୋଇଛନ୍ତି। କାତିମାଡ଼ରେ କରିକାନି ଶେଷଗିରି ଓ ଠେଙ୍ଗା ମାଡ଼ରେ ଗୁମୁଡି ରମେଶ ଗୁରୁତର ହୋଇଛନ୍ତି।

ପ୍ରକାଶ ଯେ, ଜମିକୁ ନେଇ ଗ୍ରାମର ଦୁଇଗୋଷ୍ଠୀ ମଧ୍ୟରେ ବିବାଦ ପରେ ଠେଙ୍ଗା ଓ କାତିରେ ଆକ୍ରମଣ ହୋଇଥିଲା। ଏଥିରେ କରିକାନି ଓ ଗୁମୁଡି ଆହତ ହୋଇଥିଲେ। ଉଭୟଙ୍କୁ ପ୍ରଥମେ ପାତ୍ରପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇ ଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ଶେଷଗିରିଙ୍କୁ ଅନ୍ୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି। ଆହତ ପରିବାର ପକ୍ଷରୁ ଜରଡ଼ାଥାନାରେ ଏତଲା ଦିଆଯାଇଛି। ପ୍ରକାଶ ଥାଉକି, ଗତ ଗଣେଷ ପୂଜାବେଳେ ଉକ୍ତ ଜମିକୁ ନେଇ ଦୁଇଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟି ୧୦ରୁ ଉର୍ଦ୍ଧ୍ୱ ଆହତ ହୋଇଥିଲେ। ପାଖ ଗାଁର ଜଣେ ରାଜନେତାଙ୍କ ଇଙ୍ଗିତରେ ଏଭଳି କାଣ୍ଡ ହେଉଥିବା ଏବଂ ପୋଲିସ ଜାଣିଶୁଣି ଚୁପ ରହୁଥିବା ଗୋଟିଏ ଗୋଷ୍ଠୀ ଅଭିଯୋଗ କରିଛି। ଏନେଇ ଜରଡ଼ା ଆଇଆଇସି ମୃତ୍ୟୁଞ୍ଜୟ ସ୍ୱାଇଁଙ୍କୁ ପଚାରିବାରୁ ଅଭିଯୋଗ ହୋଇଛି, ତଦନ୍ତ ପରେ ପ୍ରକୃତ କାରଣ ଜଣାପଡ଼ିବ ବୋଲି ସୂଚନା ଦେଇଛନ୍ତି।







1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ